



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୩୧ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 31 JULY 2025
Vol.No. 36 ■ No.201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ରଷିଆରେ ଶକ୍ତିଶାଳୀ ଭୂକମ୍ପ ପରେ ସୁନାମୀ ଆତଙ୍କ: କାମଚଟକାରେ ଜରୁରୀସ୍ଥିତି ଘୋଷଣା

ନୂଆଦିଲ୍ଲୀ,୩୦/୭ : ଭୂକମ୍ପ ପରେ ମାଡ଼ି ଆସିଲା ସୁନାମୀ । ରୁଷିଆରେ ଶକ୍ତିଶାଳୀ ଭୂକମ୍ପ ଝଟକା ପରେ ୪ ମିଟର ଉଚ୍ଚ ସମୁଦ୍ର ପାଣି ମାଡ଼ି ଆସିଛି । କାମଚଟକାରେ ମାଡ଼ି ଆସିଲା ସୁନାମୀ । କେବଳ ରୁଷିଆ ନୁହେଁ ଜାପାନର ୧୬ଟି ସ୍ଥାନରେ ବି ସମୁଦ୍ରର ଜୁଆର ମାଡ଼ି ଆସିଛି । ସୁନାମୀ ପାଇଁ ଫୁକୁସିମା ପରମାଣୁ କେନ୍ଦ୍ରକୁ ବନ୍ଦ କରାଯାଇଛି । ଆଜି ସକାଳୁ ରୁଷିଆରେ ତୀବ୍ର ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୮ ଦଶମିକ ୮ ରହିଛି । ଭାରତୀୟ ସମୟ ଭୋର ୪ଟା ୫୪ରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି ।



ରୁଷରେ ୨୪ ଘଣ୍ଟାରେ ୨ ଶହ ଥର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପ ପରେ ରୁଷ, ଜାପାନ ଓ ଆମେରିକାରେ ସୁନାମୀ ଆଲର୍ଟ ଜାରି କରାଯାଇଛି । ସମୁଦ୍ରରେ ତିନି ମିଟର ଉଚ୍ଚର ଜୁଆର ଉଠିବା ସମ୍ଭାବନା ରହିଛି । ଯାହା ଦ୍ୱାରା ଅନେକ ଅଞ୍ଚଳ ପ୍ରଭାବିତ ହେବା ଆଶଙ୍କା ରହିଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଅପିଲ କରାଯାଇଛି । ୧୯୫୨ ମସିହା ପରେ ରୁଷର କାମଚଟକାରେ ଏପରି ଶକ୍ତିଶାଳୀ ଭୂମିକମ୍ପ ଦେଖିବାକୁ ମିଳିଛି । ଜାପାନର ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ନେଇ ଅବଗତ କରାଯାଇଛି । ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ବୈଠକ ଡକାଯାଇଛି । ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତି ହୋଇଛି ।

## ଆକାଶମାର୍ଗରୁ ବନ୍ୟାଞ୍ଚଳ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ : ସମୀକ୍ଷା ପରେ କହିଲେ ନିୟନ୍ତ୍ରଣରେ ରହିଛି ବନ୍ୟା

ଭୁବନେଶ୍ୱର,୩୦।୭: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ୩ଟି ବନ୍ୟା ପ୍ରଭାବିତ ଜିଲା ବୁଲି ଦେଖିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରି ଆସି ସବିଶେଷ ସୂଚନା ଦେଇଛନ୍ତି । ରାଜ୍ୟର ଯେଉଁ ସ୍ଥାନରେ ବନ୍ୟା ଯୋଗୁ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ତୁରନ୍ତ ସହାୟତା ମିଳିବ । କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ । ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ



ଗାଁଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନସ୍ଥାପିତ କରାଯିବ । ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ୩ ଜିଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ବାଲେଶ୍ୱରର ୪ଟି ବ୍ଲକ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଏବଂ ଭଦ୍ରକର ଧାମନଗର ଓ ଭଣ୍ଡାରୀପୋଖରୀ ଏବଂ ଯାଜପୁରର ଯାଜପୁର ଓ ଦଶରଥପୁର ବ୍ଲକ ପ୍ରଭାବିତ । ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ▶▶ପୃଷ୍ଠା ୭

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା: ୬ ଜଣ ଗିରଫ, ବାଲେଶ୍ୱରରୁ କୋରାପୁଟ ଲମ୍ବିଛି ଚେର

ଭୁବନେଶ୍ୱର, ୩୦/୭ (ନି.ପ୍ର): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି । ଏକ ପ୍ରେସ୍‌ମିଟ୍‌ରେ କ୍ରାଇମବ୍ରାଞ୍ଚ ଡିଜି ସୂଚନା ଦେଇ କହିଛନ୍ତି ଯେ, ଏହି ଲିକ୍ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ଜରିଆରେ ହୋଇଛି । ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ ଲକ୍ଷ ୪୦ ହଜାର ଟଙ୍କା ଆସିଥିବାର ପ୍ରମାଣ ମିଳିଛି । କ୍ରାଇମବ୍ରାଞ୍ଚ ଡିଜି ଆହୁରି କହିଛନ୍ତି ଯେ, ▶▶ପୃଷ୍ଠା ୭





## ବନ୍ଧୁ କହି ଭାରତ ଉପରେ ୨୫% ଟାରିଫ ସହ ଜୋରିମାନା ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୩୦/୭ : ବନ୍ଧୁ ସାଜିଲା ବଇରି । ଯେଉଁ ବନ୍ଧୁତ୍ୱର ବାଃ ବାଃ କରିବାକୁ ଦିନେ 'ହାଓଡି ମୋଦୀ' ଭଳି ବିଶ୍ୱର ବଡ଼ ଇଭେଣ୍ଟ ଆୟୋଜନ କରିଥିଲେ ଟ୍ରମ୍ପ୍ ଆଜି ସେଇ ଟ୍ରମ୍ପ୍ ଭାରତକୁ ଏବେ ଦେଇଛନ୍ତି ଟାରିଫ୍ ଟେନସନ୍ । ଏମିତି କି ମୋଦୀଙ୍କ ସହ ଥିବା ବର୍ଷ ବର୍ଷର ବନ୍ଧୁତାକୁ ନେଇ ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଭାରତର ଭଲ ବନ୍ଧୁ ବୋଲାଉଥିବା ଟ୍ରମ୍ପ୍



ଏମିତି କାହିଁକି କଲେ ? ମୋଦୀ ମୋଦୀ କହି ପାଣି ପିଉନଥିବା ଟ୍ରମ୍ପ୍ ଆଜିଠୁ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇ ଭାରତ-ଆମେରିକା ସମ୍ପର୍କ ମଝିରେ ଟାଣିଦେଇଛନ୍ତି ଲକ୍ଷ୍ମଣରେଖା । ଯାହାକୁ ନେଇ ଏବେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖିବାକୁ ମିଳିପାରେ ବୋଲି ବୈଦେଶିକ ବିଶେଷଜ୍ଞ ମାନେ ଆଶଙ୍କା କରିଛନ୍ତି । ୨୦୧୯ ଆମେରିକାର ହ୍ୟୁଷ୍ଟନରେ ଆୟୋଜିତ ହୋଇଥିଲା 'ହାଓଡି ମୋଦୀ' କାର୍ଯ୍ୟକ୍ରମ । ଯେଉଁଥିରେ ବିଶ୍ୱର ଦୁଇ ଶକ୍ତିଶାଳୀ ନେତା ତଥା ▶▶ପୃଷ୍ଠା ୭

## ସରକାରୀ ବାବୁଙ୍କୁ ବାନ୍ଧିଲା ଭିଜିଲାନ୍ସ : ଆୟଠାରୁ ୩୧୭ % ଅଧିକ ସମ୍ପତ୍ତି ମାମଲାରେ ଗିରଫ

ଭୁବନେଶ୍ୱର, ୩୦/୭ (ନି.ପ୍ର): ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଭୁବନେଶ୍ୱର ଆର ଆଣ୍ଡ ବି ଡିଭିଜନର ସହାୟକ ଯନ୍ତ୍ରୀ ରାଜ କିଶୋର ଜେନାଙ୍କର ରହିଛି ଅମାପ ସମ୍ପତ୍ତି । ଆୟ ଠାରୁ ୩୧୭ ପ୍ରତିଶତ ଅଧିକ ସମ୍ପତ୍ତି ଥିଲା ରାଜ କିଶୋରଙ୍କର । ରାଜକୀୟ ଠାଣିରେ ଜୀବନ ବିତାଉଥିବା ସରକାରୀ ଅଧିକାରୀ ଏତେ ସମ୍ପତ୍ତିର ମାଲିକ କେମିତି ହେଲେ ତାହାର ସନ୍ତୋଷ ଜନକ ଉତ୍ତର ଭିଜିଲାନ୍ସକୁ ଦେଇ ପାରିନଥିବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଚଢ଼ାଉ ବେଳେ ତାଙ୍କର ନୀଳାଦ୍ରି ବିହାରରେ ୩ ମହଲା ଘର, କସମପଲିସରେ ଦୁଇଟି ଫ୍ଲାଟ, ଉତ୍କଳ ଗ୍ୟାଲେରିଆ ଏବଂ ସିମ୍ଫୋନି ମଲରେ ▶▶ପୃଷ୍ଠା ୭

## ପୁଣି ଇତିହାସ ରଚିଲା ଇସ୍ରୋ : ବିଶ୍ୱର ସବୁଠାରୁ ମହଙ୍ଗା ସାଟେଲାଇଟ୍ 'ନିସାର'ର ହେଲା ଉତ୍କ୍ଷେପଣ

ନୂଆଦିଲ୍ଲୀ,୩୦/୭ : ଆନ୍ଧ୍ର ଶ୍ରୀହରିକୋଟାରୁ ହେଲା 'ନିସାର ' ଉପଗ୍ରହର ଉତ୍କ୍ଷେପଣ । ମହାକାଶ ବିଜ୍ଞାନରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ଆଜି ଲଞ୍ଚ ହେଲା ସାଟେଲାଇଟ୍ 'ନିସାର' । ବିଶ୍ୱର ସବୁଠାରୁ ଦାମୀ ସାଟେଲାଇଟ୍ 'ନିସାର'କୁ ନାସା ଓ ଇସ୍ରୋର ମିଳିତ ଉଦ୍ୟମରେ ଲଞ୍ଚ କରାଗଲା । ଶ୍ରୀହରି କୋଟା ସ୍ଥିତ ଶତିସ ଧୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଗଲା । ଜିଏସ୍ଏଲଭି-ଏଫ୍୧୬ ରକେଟ୍ ଦ୍ୱାରା ସାଟେଲାଇଟ୍ 'ନିସାର'ର ଉତ୍କ୍ଷେପଣ କରାଗଲା । ଭୂପୃଷ୍ଠରୁ ୭୪୩ କିଲୋମିଟର ଉଚ୍ଚରେ ପୃଥିବୀର ଚକ୍କର କାଟିବ ଏହି ସାଟେଲାଇଟ୍ । ୧୨ ଦିନରେ ୧,୨୭୩ର ପୃଥିବୀର ଚକ୍କର କାଟିବ ନିସାର ସାଟେଲାଇଟ୍ । ଆଉ ଏତିକି ସମୟ ଭିତରେ ଭୂପୃଷ୍ଠର ପ୍ରତ୍ୟେକ ଇଞ୍ଚର ମ୍ୟାପ୍ ପ୍ରସ୍ତୁତ କରି ତଥ୍ୟ ପଠାଇବ । ନାସା ଓ ଇସ୍ରୋ ଦ୍ୱାରା ପ୍ରସ୍ତୁତ ହୋଇଥିବାରୁ ଏହି ସାଟେଲାଇଟ୍ ନାମ ନିସାର ରଖାଯାଇଛି । ମହାକାଶ ବିଜ୍ଞାନ ଇତିହାସରେ ଏହା ସବୁଠାରୁ ଦାମୀ ସାଟେଲାଇଟ୍ । ପାରମ୍ପରିକ ସାଟେଲାଇଟ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ 'ନିସାର' । ପୃଥିବୀରେ ଦ୍ରୁତ ଗତିରେ ହେଉଥିବା ପାଣିପାଗ ପରିବର୍ତ୍ତନକୁ ବୁଝିବା ପାଇଁ ସକ୍ଷମ ନୁହେଁ ପାରମ୍ପରିକ ସାଟେଲାଇଟ୍ । ଆଉ ଏହାକୁ ଦୃଷ୍ଟିରେ ରଖି 'ନିସାର'କୁ ବିକଶିତ କରିଛନ୍ତି ବୈଜ୍ଞାନିକ ।

## ପୁଣି ଖୋଲିବ 'ସୁଭଦ୍ରା' ପୋର୍ଟାଲ୍: ଅଗଷ୍ଟ ୯ରେ ସୁଭଦ୍ରା ତୃତୀୟ କିସ୍ତି

ଭୁବନେଶ୍ୱର, ୩୦/୭ (ନି.ପ୍ର): ଅଗଷ୍ଟ ୯ ପରେ ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ । ୨୧ ବର୍ଷ ହୋଇଥିବା ଯୁବତୀ ପୁଣି ଥରେ କରିପାରିବେ ଆବେଦନ । ସୁଭଦ୍ରା ଯୋଜନାକୁ ନେଇ ଆଜି କିଛି ଏଭଳି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ତୃତୀୟ କିସ୍ତି ପରେ ଖୋଲିବ ସୁଭଦ୍ରା ପୋର୍ଟାଲ । ୨୧ ବର୍ଷ ହୋଇଥିବା ଯୁବତୀ କରି ପାରିବେ ଆବେଦନ । ତାସହ ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଆଉ ଥରେ ହେବ ସର୍ଭେ । ଗାଡ଼ି କିଣା ଏବଂ ୫ ଏକର ଜମି ଥିବା ସହ ଆଇଟି ରିଟର୍ଣ୍ଣ କରିଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି । ସେହିପରି ୯୩ ହଜାର ହିତାଧିକାରୀଙ୍କୁ ୬୦ ବର୍ଷ ହୋଇଥିବାରୁ ସାମାଜିକ ଓ ସୁରକ୍ଷା ବିଭାଗକୁ ତାଙ୍କ ଲିଷ୍ଟ ପଠେଇ ଦିଆଯାଇଛି । ଏହି ଆଧାରକୁ ନେଇ ପୁଣି ଥରେ ଚୟନ କରାଯିବ ।

'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ-୨୦୨୫ରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭାଧାରୀଗଣ...



ଶ୍ରୀଯୁକ୍ତ ଶୈଳଜ ରବି
ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ



ପ୍ରଫେସର ଦାଶ ବେନହୁର
ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସାରସ୍ୱତ ସମ୍ବର୍ଦ୍ଧନା



ଡ. ନାରାୟଣ ସାହୁ
ସାଗରିକା ସାରସ୍ୱତ ସମ୍ମାନ



ଶ୍ରୀଯୁକ୍ତ ସୁଧାସିନ୍ଧୁ ପଣ୍ଡା
ବାଲେଶ୍ୱର ବରପୁତ୍ର ସମ୍ମାନ



ଡ. ବେଣୁଧର ପାଢ଼ୀ
ଧ୍ୱନି ପ୍ରତିଧ୍ୱନି ପ୍ରବନ୍ଧ ସମ୍ମାନ



ଶ୍ରୀଯୁକ୍ତ ଉଦୟ ନାରାୟଣ ଦାସ
ସାଗରିକା ଗଳ୍ପ ସମ୍ମାନ



ଶ୍ରୀଯୁକ୍ତ ସମରେନ୍ଦ୍ରନାଥ ମହାପାତ୍ର
ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ



ଶ୍ରୀଯୁକ୍ତ ନୀଳମଣି ଚାନ୍ଦ
ଧ୍ୱନି ପ୍ରତିଧ୍ୱନି ଶିଶୁ ସାହିତ୍ୟ ସମ୍ମାନ



ଶ୍ରୀଯୁକ୍ତ ବାବାଜୀ ଚରଣ ଜେନା
ବିଦ୍ୟୁତଲତା ଦେବୀ ଗୀତି କବିତା ସମ୍ମାନ



ଇଂ. ନବକୁମାର ମହାଳିକ
ଧ୍ୱନି ପ୍ରତିଧ୍ୱନି ଦକ୍ଷ ପ୍ରଶାସକ ସମ୍ମାନ



ଲିପ୍ସା ପଟେଲ
ଧ୍ୱନି ପ୍ରତିଧ୍ୱନି ଯୁବପ୍ରତିଭା ସମ୍ମାନ



ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା
ଧ୍ୱନି ପ୍ରତିଧ୍ୱନି ପରିବେଶ ସୁରକ୍ଷା ଓ ସମାଜସେବା ସମ୍ମାନ



ଡ. ପଙ୍କଜ କୁମାର ଜେନା
ଧ୍ୱନି ପ୍ରତିଧ୍ୱନି ଶିକ୍ଷାବିତ୍ ସମ୍ମାନ



ଡା. କୁମାର ଗୋପାଲ
ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସଂଗଠକ ଓ ସମାଜସେବା ସମ୍ମାନ



ଶ୍ରୀଯୁକ୍ତ ସଂଜୟ କୁମାର ସାହୁ
ଧ୍ୱନି ପ୍ରତିଧ୍ୱନି ସଫଳ ଉଦ୍ୟୋଗୀ ସମ୍ମାନ



ଶ୍ରୀଯୁକ୍ତ ସପନ ବିଶ୍ୱାଳ
ଧ୍ୱନି ପ୍ରତିଧ୍ୱନି ସାମ୍ବାଦିକ ସମ୍ମାନ

# ଓରମାସ ପକ୍ଷରୁ ରାକ୍ଷୀ ଷ୍ଟଲ ଉଦ୍‌ଘାଟିତ : ସବାଇ ତିଆରି ରାକ୍ଷୀର ଜନଆଦୃତ କରିବାକୁ ପ୍ରୟାସ

ବାରିପଦା, ୩୦/୦୭ (ନି.ପ୍ର): ଆଗକୁ ଆସୁଛି ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ ଉତ୍ସବ। ତେଣୁ ରାକ୍ଷୀ ପାଇଁ ଗହଳଚହଳ ହେଲାଣି ବଜାର। ବାରିପଦାରେ ଭଳିକିଭଳି ରାକ୍ଷୀ ସମ୍ଭାରରେ ସଜେଇ ହେବାରେ ଲାଗିଛି ବିଭିନ୍ନ ଷ୍ଟଲ। ଏହି ପରିପ୍ରେକ୍ଷୀରେ ବାରିପଦା ଷ୍ଟାଡିଅମ ଗୋଲେଇ ନିକଟସ୍ଥ ମୟୂର ଶିଳ୍ପ ଆଉଟଲେଟ ସମ୍ମୁଖରେ ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ତରଫରୁ ନିଆରା ମନଲୋଭା ରାକ୍ଷୀର ସମ୍ଭାର ନେଇ ଉଦଘାଟିତ ହୋଇଛି ଏକ ନୂତନ ରାକ୍ଷୀ ଷ୍ଟଲ ( ଭାଇ ଭଉଣୀ ପ୍ରେମର ସାକ୍ଷୀ, 'ଓରମାସ ରାକ୍ଷୀ')। ଆଜି ପୂର୍ବାହ୍ଣରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ନିଆରା ରାକ୍ଷୀ ଷ୍ଟଲକୁ ଶୁଭ ଉଦଘାଟନ କରିଛନ୍ତି। ଏହି ରାକ୍ଷୀ ଷ୍ଟଲଟିର ବିଶେଷତ୍ୱ ହେଲା ଏଠାରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତ ତିଆରି ମନଲୋଭା ରାକ୍ଷୀ ସୁଲଭ ମୂଲ୍ୟରେ ଜନସାଧାରଣଙ୍କ ପାଇଁ ମାତ୍ର ୪୦ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ ହେବ। ଏହି ଷ୍ଟଲଟି ଚଳିତ ଅଗଷ୍ଟ ମାସ ୯ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ହସ୍ତ ଶିଳ୍ପକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାରେ ନିଜର ସହଭାଗୀତାକୁ ସୁନିଶ୍ଚିତ କରିବା ପାଇଁ ହସ୍ତକଳାରେ ପ୍ରସ୍ତୁତ ରାକ୍ଷୀ କ୍ରୟ କରିବା ପାଇଁ ଜନସାଧାରଣଙ୍କୁ ଓରମାସ ପକ୍ଷରୁ ଅନୁରୋଧ କରାଯାଉଛି।

ଓରମାସର ଡେପୁଟି ସି.ଇ.ଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଡି.ପି.ସି. ମିଶନ ଶକ୍ତି ନିରଞ୍ଜନ ପଣ୍ଡା, ଡିପିମ ଓଡିଶା ଜୀବିକା ମିଶନ ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ପ୍ରୋଗ୍ରାମ ମ୍ୟାନେଜର (ଜୀବିକା) ମଧୁସ୍ମିତା ଭୂୟାଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଓରମାସର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶୀଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା, ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଏବଂ ମୟୂରଭଞ୍ଜର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ ସଦସ୍ୟା ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଅବହେଳା ଯୋଗୁଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ କାରଣ ଦର୍ଶାଅ ଚିଠି

ଧର୍ମଶାଳା, ୩୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି। ଧର୍ମଶାଳା ଅଂଚଳରେ କଲେରା ବ୍ୟାପିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ଚିଠି ଜାରି କରାଯାଇଛି। ଧର୍ମଶାଳା ଅଂଚଳରେ କଲେରା ବ୍ୟାପିଥିବା ସମୟରେ ଜୁନ ୧୬ ତାରିଖରେ ଡାକ୍ତରଖାନାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଆଶ୍ୱତି ଏସ ସ୍ଥିତି ଅନୁଧାନ କରିବାକୁ ଅସିଥିବା ବେଳେ ଏଠାରେ ଥିବା ଡକ୍ତରଖାନା ଅଧିକାରୀ ଡା. ସୁଧିର କୁମାର ସାହୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅନୁଭବ କରିଥିଲେ। ଏନେଇ ସେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରେ ଅଭିଯୋଗ କରିବା ପରେ ସ୍ୱସ୍ଥ୍ୟ ବିଭାଗ ପକ୍ଷରୁ ଡା. ସାହୁଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ସଂଖ୍ୟା ୨୧୭୨୧ରେ ଚିଠି ଜାରି କରାଯାଇଛି। ଏକ ସପ୍ତାହ ମଧ୍ୟରେ ଡା. ସାହୁ ଏସମ୍ପର୍କରେ ସନ୍ତୋଷ ଜନକ ଉତର ଦେଇ ନ ପାରିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଜୁନ ୧୮ ତାରିଖରେ ସମାନ ଘଟଣାରେ କାର୍ଯ୍ୟ ଅବହେଳା ଯୋଗୁଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଚିଠି ଜାରି ହେବା ପରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସରକାରୀ କର୍ମଚାରୀମାନେ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହେବାକୁ ସରକରଙ୍କ ତରଫରୁ ନିଆଯାଉଥିବା ଏଭଳି ତ୍ୱରିତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ମହାଦେବ ପୋଖରୀ ପୁନଃରୁଦ୍ଧାର କେବେ ?

କେନ୍ଦ୍ରାପଡ଼ା, ୩୦/୦୭ (ନି.ପ୍ର): କେନ୍ଦ୍ରାପଡା ମାର୍ଶାଘାଇ ବ୍ଲକର ସର୍ବ ପୁରାତନ ବେରୁହା ଗ୍ରାମର ମହାଦେବ ପୋଖରୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ୩ଏକର ବିଶିଷ୍ଟ ଏହି ପୋଖରୀଟି କାହିଁ କେଉଁ କାଳରୁ ପଂଚାୟତ ବାସୀଙ୍କ ପାଇଁ ପାଣି ଓ ମାଛ ଯୋଗାଇ ଆସୁଥିବା ବେଳେ ଏବେ ପୋଖରୀର ଅବସ୍ଥା ବେହାଲ ହୋଇ ପଡିଛି । ଦୀର୍ଘ ବର୍ଷ ଧରି ପଙ୍କ ଉଦ୍ଧାର ଓ ଦଳ ସଫେଇ ନହେବା ଫଳରେ ପୋଖରୀ ପାଣି ଦୂଷିତ ହେବା ସହ ପଚି ସଢ଼ି ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି କରୁଛି। ସରକାରଙ୍କ ମୋ ପୋଖରୀ ଯୋଜନାରେ ପୁନଃରୁଦ୍ଧାର ପାଇଁ ୪ଲକ୍ଷ ଟଙ୍କା ଟେଣ୍ଡର ହୋଇଥିଲା। ଏହି ଅର୍ଥକୁ କିଛି ରାଜନୈତିକ ବ୍ୟକ୍ତି ପୋଖରୀର ଅଳ୍ପ କିଛିକାଂଶ ଦଳ ସଫେଇ କରିବା କି ଅର୍ଥକୁ ହଡପ କରିଥିବା ଅଭିଯୋଗ କରିଛନ୍ତି ପଂଚାୟତବାସୀ । ତେବେ ଏହି ପୋଖରୀ କୂଳରେ ମହାଦେବଙ୍କ ମନ୍ଦିର ଥିବାବେଳେ ମନ୍ଦିରକୁ ରାସ୍ତା ମଧ ନାହିଁ । ଯାହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଏସମ୍ପର୍କରେ ମାର୍ଶାଘାଇ ବିଡ଼ିଓ ପଂଚାନନ ମଲ୍ଲିକ କୁହନ୍ତି ଖୁବଶୀଘ୍ର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ପକ୍ଷରେ ସରପଂଚ ବାବାଜୀ ସ୍ୱାଇଁ କୁହନ୍ତି ପୋଖରୀ ଟି ବହୁ ପୁରାତନ ପଂଚାୟତ ପକ୍ଷରୁ ମାଛ ଚାଷ ପାଇଁ ଏକ ଉପଯୋଗୀ ହୋଇଥିବା ବେଳେ କିଛି ବ୍ୟକ୍ତି ନିଜର ପୈତୃକ ସମ୍ପତି ଭାବୁଛନ୍ତ।

# ଖରିଫ ଧାନ ସଂଗ୍ରହ ପଞ୍ଜିକରଣକୁ ନେଇ ଗଞ୍ଜାମରେ ଚାଷୀ ଉତ୍ତେଜନା

ଗଞ୍ଜାମ, ୩୦/୦୭ (ନି.ପ୍ର): ଗଞ୍ଜାମ ଜିଲାରେ ଖରୀଫ ଧାନ ପଞ୍ଜୀକରଣକୁ ନେଇ ବିଜେପି ସରକାରଙ୍କ ବିରୁଦ୍ଧରେ ଚାଷୀମାନଙ୍କ ପକ୍ଷରୁ ପ୍ରବଳ ଜନ ଅସନ୍ତୋଷ ଓ ଉତେଜନା ପ୍ରକାଶ ପାଇଛି। ସରକାରଙ୍କ ନୂତନ ପଞ୍ଜିକରଣ ବ୍ୟବସ୍ଥା ଓ ନିୟମକୁ ଚାଷୀ ମାନେ ବିପୁଳ ବିରୋଧ କରି ସେବା ସମବାୟ ସମିତି ସମ୍ମୁଖରେ ଓ ସମ୍ପାଦକଙ୍କ ନିକଟରେ ହୋହାଲ୍ଲା କରୁଛନ୍ତି। ଫଳରେ ସମ୍ପାଦକ ସଂଘ ପଞ୍ଜିକରଣ ନିୟମରେ ପରିବର୍ତନ ନକଲେ ପଞ୍ଜୀକରଣ କାର୍ଯ୍ୟ ସେମାନଙ୍କ ଦ୍ୱାରା ସମ୍ଭବ ହେ୍ବ ନାହିଁ ବ୍ୱାଲି ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାରଙ୍କ ନୂତନ ପଞ୍ଜୀକରଣ ନୀତିର ଘୋର ପ୍ରତିବାଦ କରିଛନ୍ତି ବିଭିନ୍ନ ରାଜନୈତିକ ଦଳ। ତୁରନ୍ତ ସରକାରଙ୍କ ଏହି ନୂତନ ନିୟମକୁ ପରିବର୍ତନ କରି ପୂର୍ବ ନିୟମ ଅନୁସାରେ ଚାଷୀ ପଞ୍ଜୀକରଣ କରିବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ବିଜେପି ସରକାର ଉପରେ ଚାପ ସୃଷ୍ଟି କରିଥିବା ଜଣାପଡିଛି।

# ଚମ୍ପୁଆ ଅବକାରୀ ବିଭାଗ ଓ ଝାଡଖଣ୍ଡ ପୋଲିସର ମିଳିତ ଚଢାଉ

ଚମ୍ପୁଆ, ୩୦/୦୭ (ନି.ପ୍ର): ଚମ୍ପୁଆ - ଝାଡଖଣ୍ଡ ସୀମାନ୍ତରେ ଚମ୍ପୁଆ ଅବକାରୀ ବିଭାଗ ଓ ଝାଡଖଣ୍ଡ ପୋଲିସର ମିଳିତ ଚଢାଉରେ ବିପୁଳ ପରିମାଣର ମହୁଲ ପୋଚ ଓ ମଦ ଜବତ କରି ନଷ୍ଟ କରାଯାଇଛି। ଆଜି ଭୋର ସକାଳୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାଣି ପଟ୍ଟାୟକଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଅବକାରୀ ଇନିସପେକ୍ଟର ଏଚ ଜଗା ରାଓଙ୍କ ତତ୍ତ୍ୱାବଧାନରେ ଯୋଡା, ବଡବିଲ , ଝୁମ୍ପୁରା ଅବକାରୀ ବିଭାଗ ସମେତ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ ଓ ଝାଡଖଣ୍ଡ ପୋଲିସର ମିଳିତ ଚଢାଉରେ ବୈତରଣୀ ନଦୀର ପାର୍ଶ୍ୱରେ ଥିବା ସୀମାନ୍ତ ଗ୍ରାମ ଗୁଡିକରେ ଚଢାଉ କରି ବେଆଇନ ଭାବେ ପ୍ରସ୍ତୁତ କରାଯାଉଥିବା ବିପୁଳ ପରିମାଣର ମହୁଲ ପୋଚ ଓ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଚମ୍ପୁଆ-ଝାଡଖଣ୍ଡ ସୀମାନ୍ତ ଗ୍ରାମ ବୁରୁସାହି, ଘୁଟୁସାହି, ବରଲା, ଖୁଂଟିଆପଦା ଗ୍ରାମରେ ୧୨୦୦୦ କିଗ୍ରା ମହୁଲ ପୋଚ ଓ ୧୭୦୦ ଲିଟର ଦେଶୀ ରନ୍ଧା ମଦ ସହ ମଦ ପ୍ରସ୍ତୁତ ହେଉଥିବା ସରଞ୍ଜାମ ଗୁଡ଼ିକୁ ଜବତ କରାଯାଇ ନଷ୍ଟ କରାଯିବା ସହ ତିନି ଗୋଟି ମାମଲା ରୁଜୁ କରାଯାଇଥିବା ନେଇ ଚମ୍ପୁଆ ଅବକାରୀ ଇନିସପେକ୍ଟର ଏସ ଜଗାରାଓ ସୂଚନା ଦେଇଛନ୍ତି। ନଷ୍ଟ କରାଯାଇଥିବା ମହୁଲ ପୋଚ୍, ମଦ ଓ ସରଞ୍ଜାମର ଅନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ କି ଚମ୍ପୁଆ ଓ ଝାଡଖଣ୍ଡ ସୀମାବର୍ତୀ ଗ୍ରାମ ଗୁଡିକରେ ଦେଶୀ ରନ୍ଧା ମଦ ଏକ କୁଟୀର ଶିଳ୍ପର ରୂପ ନେଇ ସାରିଥିବା ବେଳେ ଏଥି ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଜିଲ୍ଲା ଅବକାରୀ ବିଭାଗ ଝାଡଖଣ୍ଡ ପୋଲିସ ପ୍ରଶାସନର ସହାୟତାରେ ନିୟମିତ ଭାବେ ଚଢାଉ ଜାରୀ ରଖିଛି। ଆଗାମୀ ଦିନରେ ଚଢାଉକୁ ଜୋରଦାର କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଚମ୍ପୁଆ ଅବକାରୀ ଓଆଇସି ବଟକୃଷ୍ଣ ରାଉତ, ଏଏସଆଇ ବିଜୟ କୁମାର ମହାନ୍ତଙ୍କ ସମେତ ଝାଡଖଣ୍ଡରୁ ଜଗନ୍ନାଥପୁର ଥାନା ପ୍ରଭାରୀ ଅବିନାଶ ହେମ୍ବ୍ରମ, ଏଏସଆଇ ଅଜୟ କୁମାର ସିଂ ସଦଳବଳେ ସାମିଲ୍ ହୋଇଥିଲେ।

# ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର: ଅଗଷ୍ଟ ୧ରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

କେନ୍ଦ୍ରାପଡା/ପଟ୍ଟାମୁଣ୍ଡାଇ, ୩୦/୦୭ (ନି.ପ୍ର): ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଅଗଷ୍ଟ ୧ ତାରିଖ ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ। ଦୀର୍ଘ ୩ ମାସ ଧରି ବନ୍ଦ ରହିବା ପରେ ଭିତରକନିକା ଖୋଲୁଥିବାରୁ ପର୍ଯ୍ୟଟକ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ନୂଆ ରୂପରେ ସଜେଇ ହୋଇଛି ଭିତରକନିକା । ପର୍ଯ୍ୟଟକମାନେ ଭିତରକନିକାରେ ଲୁଣା ଜାତୀୟ ଗଛଗୁଡ଼ିକର ଚାରାକୁ ମ୍ୟାନ୍ ଗ୍ରୁଭ୍ ନର୍ସରୀରେ ଦେଖିବାର ସୁଯୋଗ ପାଇବେ। ଏଥିସହ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ, ପରିବେଶ ସହ ଅନ୍ୟ ବହି ପଢ଼ିବାର ସୁଯୋଗ ପାଇପାରିବେ। ଏହାଛଡ଼ା ମ୍ୟୁଜିୟମ୍ ର ମଜା ନେବା ସହ ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀ, ଶ୍ୱେତାକୁ ଦେଖିପାରିବେ। ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ବନ ବିଭାଗର ପ୍ରସ୍ତୁତି ଇତିମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଭିତରକନିକାର ଡାଙ୍ଗମାଳ ଠାରେ ୬ଟି ଫାଇବର ବୋଟ୍ ଥିବା ବେଳେ ଗୁପ୍ତି ଠାରେ ୪ଟି ଫାଇବର ବୋଟ୍ ବ୍ୟବସ୍ଥା ରହିଛି । ପୂର୍ବବର୍ଷ ଭଳି ପଲିଥିନ୍ କୁ ବାରଣ କରାଯିବା ସହ ଏହା ନଆଣିବା ପାଇଁ ବନଖଣ୍ଡ ପକ୍ଷରୁ ନିଷେଧ କରାଯାଇଛି। ଭିତରକନିକା ଫରେଷ୍ଟ ବ୍ଲକ୍ ରେ ପର୍ଯ୍ୟଟକଙ୍କ ପାଇଁ ୱାଚ୍ ଟାୱାର ନିର୍ମାଣ କରାଯାଇଛି। ମେଟା ନର୍ସରୀ ନିକଟରୁ ୬୦୦ ମିଟର ପର୍ଯ୍ୟନ୍ତ କାଠରେ ସ୍କାଏ ୱାକ୍ ନିର୍ମାଣ ହୋଇଛି। ଜାତୀୟ ଉଦ୍ୟାନରେ ପର୍ଯ୍ୟଟକମାନେ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସହିତ ଧଳା କୁମ୍ଭୀର ଗୋରୀ, ମଲ୍ଲୀ,ଶ୍ୱେତା, ଦେଶୀୟ ପକ୍ଷୀ, ନଦୀରେ ନୌବିହାର ଓ ସ୍କାଏ ୱାକ୍ ରେ ଜଙ୍ଗଲ ଉପରେ ଚାଲିଚାଲି ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ପ୍ରକାଶ ଥାଉକି, କୁମ୍ଭୀର ପ୍ରଜନନ ଋତୁ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ମଇ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ୩ ମାସ ଧରି ବନ୍ଦ ରହିଛି। ଏହି ସମୟରେ ପ୍ରଜନନ ପାଇଁ ବଉଳା କୁମ୍ଭୀର ହିଂସ୍ର ହେଉଥିବାରୁ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିବାର ଆଶଙ୍କା ରହିଥିଲା।

# ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଂଚମୀ ପୂଜା

ବଲାଙ୍ଗୀର, ୩୦/୦୭ (ନି.ପ୍ର): ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଂଚମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲୋକନାଥ ମନ୍ଦିର ମାଁ ମାନସା ଦେବୀ ମନ୍ଦିରରେ ଶ୍ରାବଣ ମାସର ତୃତୀୟ ପାଳିରେ ନାଗ ପଂଚମୀ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କର ସୁଅ ଛୁଟିଥିଲା। ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ମନ୍ଦିରରେ ବେଶ୍ ଭିଡ ଜମିଥିଲା। ନାଗ ଦର୍ଶନରେ ବହୁତ ଲୋକଙ୍କ ଜିବନ ଚାଲିଯାଉଥିବା ବେଳେ ବର୍ଷା ମାସରେ ଗାଁ ଠାରୁ ସହର ମଧ୍ୟରେ ସର୍ପ ଦଂଶନରେ ନିରିହ ଜିବନ ହାନି ଘଟୁଛି। ଅନେକ ଲୋକ ମଧ୍ୟ ସର୍ପ ଦଂଶନ ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ଅନେକ ଲୋକ ଗୁନି ଗାରିଡି କରି ସର୍ପ ଦଂଶନର ଚିକିତ୍ସା କରୁଛନ୍ତି। ଏଭଳି ଅନ୍ଧ ବିଶ୍ୱାସ ଉପରେ ବିଶ୍ୱାସ ନ କରି ସର୍ପ ଦଂଶନ କଲେ ଚିକିତ୍ସା ପାଇଁ କମିଟି ପକ୍ଷରୁ ଆହ୍ୱାନ କରାଯାଇଛି । ସାପ କାମୁଡିବା ଜାଣିବା ପରେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲ କୁ ଯାଇ ଚିକିତ୍ସା କରିବା ଓ ଲୋକଙ୍କୁ ଅନୁରୋଧ କରିଛନ୍ତି। ଲୋକନାଥ ମନ୍ଦିର ପୂଜକ ଥନାପତି ପୂଜା ଅର୍ଚ୍ଚନା କରିଥିଲେ ଓ ବାଳମୁକୁନ୍ଦ ଥନାପତି କରିଥିଲେ। ଏଥିରେ ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ଦେବାଳୟ ସୁରକ୍ଷା କମିଟି ଅଧ୍ୟକ୍ଷ ଜୟକୃଷ୍ଣ ମିଶ୍ର, ସୁଧିର ମିଶ୍ର, ଶମ୍ଭୁ ଶତପଥି, ପ୍ରଶାନ୍ତ ମହାକୁର, ନରେନ୍ଦ୍ର କବାଟ ଓ ମନରଂଜନ ପୁରୋହିତ ଉପସ୍ଥିତ ଥିଲେ।

# ଟି.ପି .ଏସ୍. ଓ. ଡି. ଏଲ୍. ଜୟପୁର ଆନୁକୂଲ୍ୟରେ ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳିତ

ଜୟପୁର, ୩୦/୦୭ (ନି.ପ୍ର): ଟି.ପି .ଏସ୍. ଓ. ଡି. ଏଲ୍. ଜୟପୁର ସର୍କଲ ପକ୍ଷରୁ ସ୍ଥାନିୟ ପାୱାର ହାଉସ କଲୋନୀ ଠାରେ ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳିତ ହୋଇଛି। ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳନ କାର୍ଯ୍ୟକ୍ରମ କୁ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ସୌମ୍ୟ ରଞ୍ଜନ ଲେଙ୍କା ଓ ସୁଜିତ୍ କୁମାର ସ୍ୱାଇଁ । ଜୟପୁର ସର୍କଲ ହେଡ୍ ମନ୍ମଥ ନାଥ ମୀଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ବଜ୍ରପାତ ସୁରକ୍ଷା ସଚେତନତା ଉପରେ ଆଲୋକପାତ କରିବା ସହ '୩୦-୩୦ ନିୟମ' ଉପରେ ଆଲୋଚନା କରିଥିଲେ। '୩୦-୩୦ ନିୟମ' ଅର୍ଥ:ବଜ୍ରପାତ ସମୟରେ ଯଦି ବିଜୁଳି ଆଲୋକ ଦେଖିବା ପରେ ୩୦ ସେକେଣ୍ଡ ମଧ୍ୟରେ ଗରଜ/ଶବ୍ଦ ଶୁଣାଯାଏ, ତେବେ ବଜ୍ରପାତ ୧୦ କି.ମି. ମଧ୍ୟରେ ହୋଇଥାଏ। ସେହି ସମୟରେ ସୁରକ୍ଷିତ ସ୍ଥାନକୁ ଯିବା ନିତ୍ୟାନ୍ତ ଆବଶ୍ୟକ।ବଜ୍ରଧ୍ୱନି ଶେଷ ହେବା ପରେ ୩୦ ମିନିଟ୍ ଅପେକ୍ଷା କରନ୍ତୁ , ତା ପରେ ଘର ଠାରୁ ବାହାରିବା ସୁରକ୍ଷିତ ଅଟେ କ୍ଷ ଶେଷରେ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ବଜ୍ରପାତ ଠାରୁ ସୁରକ୍ଷିତ ରହିବା ପାଇଁ ଖାଲି ସ୍ଥାନ ମାନଙ୍କରେ ଲମ୍ବା ଗଣ୍ଡି ଥିବା ଗଛ ଲଗାଇବା ପାଇଁ ସାର୍ବଜନିନ ଆହ୍ୱାନ ଦେଇଥିଲେ। ଯଥା: ତାଳ, ନଡିଆ, ଗୁଆ , ଆମ୍ବ, ପଣସ, ଶାଳ, ଶାଗୁଆନ, ଲିମ୍ବ ଆଦି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ମେଣ୍ଡୁଲି, ଅଶୋକ ରଜାକ,ପ୍ରଶାନ୍ତ କୁମାର ପଟ୍ଟନାୟକ, ଶୁଶିଲ କୁମାର ନାୟକ, ଅମ୍ଲାନ କାନୁନ୍ ଗୋ, ସପ୍ତର୍ସି ମଣ୍ଡଳ, ବିଚିତ୍ର କୁମାର ବେହେରା, ବେଦ ପ୍ରକାଶ, ରନ୍ଧିର ସିଂ, ଆଲୋକ କୁମାର ନାୟକ, ଜ୍ଞାନ ରଂଜନ ରାଉତ ଓ ସଚିତା ନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜୟପୁର ବିଦ୍ୟୁତ୍ ଅଫିସ ପରିସରରେ ତାଳ ବୀଜ ରୋପଣ କରାଯାଇଥିଲା ।

# ଚାଷୀଙ୍କ ନାମ ପଞ୍ଜିକରଣର ସରଳୀକୃତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଜଳେଶ୍ୱର, ୩୦/୭ (ନି.ପ୍ର): ହାତରେ ନମାରି ଭାତରେ ମାରିବାର ଚକ୍ରାନ୍ତ ଚାଲିଛି ବୋଲି ଅଭିଯୋଗ ଉଠାଇ ଅଖିଳ ଭାରତ କୃଷକ ସଭା ଜଳେଶ୍ୱର ଶାଖା ତରଫରୁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିବାକୁ ନେଇ ଏମିତି ଜଟିଳତା ସୃଷ୍ଟି କରାଯାଇଛି ଯାହା ଫଳରେ ଚାଷୀ ହତାସ ହେବାକୁ ପଡୁଛି। ସରକାର ନିୟମ କରିଛନ୍ତି ପଞ୍ଜିକରଣ ବେଳେ ଲିଗାଲ ହେୟାର ସାର୍ଟିଫିକେଟ ଦେବାକୁ ପଡିବ। ଯାହାକୁ ପାଇବା ପାଇଁ ଚାଷୀକୁ ତହସିଲ ଅଫିସ, ଡାକ୍ତରଖାନାକୁ ବାରମ୍ବାର ଧାଇଁବାକୁ ପଡୁଛି। ବ୍ୟାଙ୍କରେ ଇ କେୱାଇସି ଦାଖଲ ହୋଇନଥିଲେ ପଞ୍ଜିକରଣ ହେଉ ନାହିଁ।। ପଞ୍ଜିକରଣ କରିବାକୁ ହେଲେ ଚକ୍ଷୁ ସ୍କାନ ବାଧ୍ୟତାମୂଳକ ହୋଇଥିବାରୁ ଏହା ଅଧିକ ସମୟ ଲାଗୁଛି। ଗ୍ରାମାଞ୍ଚଳରେ ନେଟ ରହୁନଥିବା ଯୋଗୁଁ ତାହା ଆଉ ଏକ ସମସ୍ୟା ସୃଷ୍ଟି କରୁଛି।ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି ଚାଷୀ ଓ ଜମି ମାଲିକ ଉଭୟ ଉପସ୍ଥିତ ରହିଲେ ଯାଇ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ ହେବ। ଶହେ ମହଣ ଘିଆ ପୋଡା ହେଲେ ରାଧା ନାଚିବ ଏଭଳି ବ୍ୟବସ୍ଥା ସରକାର କରିଛନ୍ତି ବୋଲି କୃଷକ ନେତା ଦିଲ୍ଲୀପ କୁମାର ଗିରି ବକ୍ତବ୍ୟରେ କହିଛନ୍ତି। ଦୂର ଦୂରାନ୍ତରେ ରହୁ ଥିବା ଜମି ମାଲିକ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଆସିବାକୁ ମଙ୍ଗୁ ନଥିବା ଯୋଗୁଁ ବିଚରା ତାଷୀଟି ନାମ ପଞ୍ଜିକରଣ ପ୍ରକ୍ରିୟାରୁ ବାଦ୍ ପଡିବା ନିଶ୍ଚିତ ହୋଇଉଠିଛି। ଅଖିଳ ଭାରତ କୃଷକ ସଭାର ଜଳେଶ୍ୱର ବ୍ଲକ ସଭାପତି ଓ ସମ୍ପାଦକ ଜୀବନ ପରିଡ଼ା ପ୍ରଶ୍ନ ଉଠାଇଛନ୍ତି ଚାଷୀ ଏ ସମୟରେ ଧାନ ରୁଆ ପୋତା କରିବ ନା ତହସିଲ, ଡାକ୍ତରଖାନା, ବ୍ୟାଙ୍କ,ସମବାୟ ଅଫିସକୁ ଧାଇଁବ ? ଏସମସ୍ତ ଅସୁବିଧା ଦର୍ଶାଇ ଅଖିଳ ଭାରତ କୃଷକ ସଭା ତରଫରୁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ପଞ୍ଜିକରଣ ଶେଷ ତାରିଖ ସେପଟ୍ମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବା, ଲିଗାଲ ହେୟାର ସାର୍ଟିଫିକେଟ ଦେବା ନିୟମର ଉଚ୍ଛେଦ, କେବଳ ବ୍ୟାଙ୍କ ଜମା ଖାତାର ନକଲ, ପୂର୍ବ ନିୟମ ଅନୁଯାୟୀ ଚକ୍ଷୁ ସ୍କାନର ବ୍ୟବସ୍ଥା, ଜମି ମାଲିକର କେବଳ ଲିଖିତ ଜମାନବନ୍ଦୀ ନେଇ ପ୍ରକୃତ ଚାଷୀର ନାମ ପଞ୍ଜିକରଣ କରିବା ଆଦି ଦାବୀ କରିଯାଇଛି।ସରକାର ଯଦି ଦାବୀ ପୂରଣ କରିବା ସହିତ ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକୃତ ନକରନ୍ତି ତେବେ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିବା ସର୍ବଶ୍ରୀ ଦିଲ୍ଲୀପ କୁମାର ଗିରି, ରବୀନ୍ଦ୍ର ବାରିକ, ଜୀବନ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର, ଗଣେଶ ପାତ୍ର , ଲକ୍ଷ୍ମୀଧର ପଲାଇ, ବଙ୍କିମ ବିଶ୍ୱାଳ, ଚନ୍ଦନ ଶତପଥୀ,ପ୍ରକାଶ ଦେ,ଉପେନ୍ଦ୍ର ପରିଡ଼ା, ସବିତା ଭୂୟାଁ, ସୁମିତ୍ରା ଦେ, ଜ୍ଞାନେନ୍ଦ୍ର ଜେନା, ରାଜକୁମାର ଆଚାର୍ଯ୍ୟ, ନରେନ୍ଦ୍ର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବଲାଙ୍ଗୀର କରାଟେ ସ୍କୁଲର ସଫଳତା: ସର୍ବମୋଟ ୨୬ ଗୋଟି ପଦକ

ବଲାଙ୍ଗୀର, ୩୦/୦୭ (ନି.ପ୍ର): କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଠାରେ ୯ତମ ଆନ୍ତର୍ଜାତିକ କରାଟେ ପ୍ରତିଯୋଗିତା ହାଂସି ପ୍ରେମଜିତ ସେନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ଏହି ପ୍ରତିଯୋଗିତାରେ ଭାରତ ଦେଶ ସହିତ ଅନ୍ୟ ୮ଟି ଦେଶ ରୁ ୭୦୦୦ ରୁ ଉର୍ଦ୍ଧ୍ୱ କରାଟେ ଖେଳାଳି ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାଟି ୨୫ରୁ ୨୭ ଜୁଲାଇ ତିନି ଦିନ ଧରି ଖେଳ ହୋଇଥିଲା ବେଳେ ବଲାଙ୍ଗିର ଜିଲ୍ଲାରୁ ବଲାଙ୍ଗିର କରାଟେ ସ୍କୁଲର ୧୭ ଜଣ ଖେଳାଳି ଭାଗ ନେଇ ସର୍ବମୋଟ ୨୬ଟି ପଦକ ହାସଲ କରିଛନ୍ତି। କ୍ରିଷ୍ଟା ନାଏକ ସ୍ୱର୍ଣ୍ଣ ଓ କାଂସ୍ୟ, ପ୍ରତିକ୍ଷା ପୁଟା ସ୍ୱର୍ଣ୍ଣ, ଆୟୁଶି ସିଂ ବାରିକ ସ୍ୱର୍ଣ୍ଣ ଓ କାଂସ୍ୟ, ସ୍ୱଦେଶ ପୁରୋହିତ ରୌପ୍ୟ ଓ କାଂସ୍ୟ, ଲୋକେଶ ବାଗ ସ୍ୱର୍ଣ୍ଣ, ସ୍ୱାଗତ ମେହେର କାଂସ୍ୟ, ଯଶୋବନ୍ତ କୁମ୍ଭାର ସ୍ୱର୍ଣ୍ଣ ଓ କାଂସ୍ୟ, ଜସମିନ ସାହୁ ଦୁଇଟି ସ୍ୱର୍ଣ୍ଣ, ଇଭାନ ପ୍ରଧାନ କାଂସ୍ୟ, ଆନନ୍ଦିନୀ ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ଅଂଶୁମାନ ଧରୁଆ ସ୍ୱର୍ଣ୍ଣ ଓ ରୌପ୍ୟ, ସର୍ଲୋଶ ବିଶ୍ୱାଳ କାଂସ୍ୟ ଓ ଆରାଧ୍ୟା ସାହୁ ସ୍ୱର୍ଣ୍ଣ, ଚନ୍ଦନ ବାଗ ଦୁଇଟି କାଂସ୍ୟ, ଶ୍ରୀୟା ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ପଲ୍ଲବି ନାଏକ ଓ ଆୟୁଶ ମେହେର ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ସର୍ବମୋଟ ୧୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ। ଆଜି ଅପରାହ୍ଣ ରେ ଦଳ ବଲାଙ୍ଗିର ପହଂଚିବା ଜାଣି କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ, ସହ-ସଂପାଦକ ତଥା ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ସମସ୍ତ ଅଭିଭାବକ ଓ ଖେଳପ୍ରେମି ରେଲ ଷ୍ଟେସନରେ ଭବ୍ୟ ସ୍ୱାଗତ କରିଥିଲେ। ଦଳ ସହିତ ସ୍କୁଲର ମୁଖ୍ୟ ତଥା ସଂପାଦକ ହୃଦୟ ଶବର, ସହ କୋଚ ପୁରୁଷୋତମ ବାଗ, ରେଖା ମନହିରା ଓ ମଧୁସୁଦନ ସାହୁ ୨୩ ଜୁଲାଇରେ କୋଲକତା ଯାତ୍ରା କରିଥିଲେ।

# ଉଦଳା ରାଜନୀତି ପାଣିପାଗ: ବନ୍ଦ ହେଲା ନଗରପାଳଙ୍କ ପଦ୍ମ ଛାଡ଼ି ଶଙ୍ଖ ଧରିବାର ପ୍ରଥା

ଉଦଳା , ୩୦/୭ (ନି.ପ୍ର): ଉଦଳା ରାଜନୀତି ପାଣିପାଗରେ ଏବେ ପୁଣି ଏକ ବଡ଼ ପରିବର୍ତନ ପରିଲକ୍ଷିତ ହୋଇଛି । ପଦ୍ମ ଦଳରୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଯିଏ ନଗରପାଳ ପଦ ଦଖଲ କରୁଥିଲେ, ସିଏ ତାଙ୍କର କାର୍ଯ୍ୟକାଳ ସରିଯିବା ପରେ ଶଙ୍ଖ ଦଳକୁ ପଳାଇଯାଉଥିଲେ । ଏହା ଉଦଳାରେ ପ୍ରଚଳିତ ଥିବା ଏକ ପ୍ରଥା ବୋଲି ସମସ୍ତେ ବେଶ ଭଲଭାବରେ ଅନୁଭବ କରିବା ସହିତ ସର୍ବସାଧାରଣରେ ମୁକ୍ତ କଣ୍ଠରେ ବଖାଣୁଥିଲେ । ସେହିପରି ଗତ ପୌରନିର୍ବାଚନରେ ପଦ୍ମ ଦଳରୁ ପ୍ରମିଳା ପଣ୍ଡା ନିର୍ବାଚନ ଜିତି ନଗରପାଳ ପଦ ଦଖଲ କରିବା ପରେ, ପୁଣି ସେହି ପୁରୁଣାକଥା ଚର୍ଚ୍ଚାକୁ ଆସିଥିଲା । ସେ ତାଙ୍କର କାର୍ଯ୍ୟକାଳ ସରିଯିବା ପରେ ଶଙ୍ଖ ଦଳକୁ ଯିବେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା । କିନ୍ତୁ ଗୋଟିଏ ବର୍ଷ ତଳୁ ହଠାତ ଏହି ଚର୍ଚ୍ଚା ବନ୍ଦ ହୋଇଯିବା ସହିତ ନଗରପାଳ ଶ୍ରୀମତୀ ପଣ୍ଡା କାର୍ଯ୍ୟକାଳ ସରିଯିବା ପରେ ମଧ୍ୟ ପଦ୍ମଛାଡ଼ିବେ ନାହିଁ ବୋଲି ବହୁ ଲୋକଙ୍କ ମୁଖରୁ ଶୁଣିବାକୁ ମିଳିଲା । ତେବେ ପୂର୍ବରୁ ପ୍ରଚଳିତ ଥିବା ପ୍ରଥାର ପୁନଚ୍ଛେଦ ପଡ଼ିଲା ବୋଲି ବହୁଳ ଭାବରେ ଲୋକେ କୁହାକୁହି ହେଲେ । ଅତିତରେ ପ୍ରେମଲତା ଜେନା ପଦ୍ମ ଦଳରୁ ନଗରପାଳ ପଦ ଦଖଲ କରି ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବେଶ ସୁନାମ ଅର୍ଜନ କରିଥିଲେ । ସେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପ୍ରଥମ ମହିଳା ନଗରପାଳ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ପଦ୍ମ ଦଳକୁ ଶକ୍ତିଶାଳି କରିଥିଲେ । ଖାଲି ସେତିକି ନୁହେଁ ସେ ପଦ୍ମ ଦଳରୁ ଉଦଳାର ପ୍ରଥମ ନଗରପାଳ ବୋଲି କୁହାଯିବା ସାଙ୍ଗକୁ ଦଳୀୟ କର୍ମିଙ୍କ ମହଲରେ ଭିନ୍ନ ସ୍ୱାଦର ଉତ୍ସାହ ଖେଳାଇ ଦେଇଥିଲେ । କିନ୍ତୁ ସେ ନିଜର କାର୍ଯ୍ୟକାଳ ସରିଯିବା ପରେ ଶଙ୍ଖ ଦଳକୁ ପଳାଇ ଯାଇଥିଲେ । ଏହାପରେ ସୌଭାଗ୍ୟ କୁମାର ସାହୁ ସ୍ୱାଧିନ ପ୍ରାର୍ଥି ଭାବରେ କାଉନସିଲର ଜିତି ପରେ ପଦ୍ମ ଦଳରେ ଯୋଗ ଦେଇଥିଲେ । ସେ ନଗରପାଳ ପଦ ଦଖଲ କରିବା ସମୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କ୍ରମାଗତ ୨ଥର ପଦ୍ମ ଦଳର ଦଖଲରେ ରହିଲା ବୋଲି ଚର୍ଚ୍ଚା ହେଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ନଗରପାଳ ଶ୍ରୀଯୁକ୍ତ ସାହୁ ତାଙ୍କର କାର୍ଯ୍ୟକାଳ ସରିଯିବା ପରେ ଶଙ୍ଖ ଦଳକୁ ଚାଲିଯାଇଥିଲେ । ଏହିଭଳି ନଗରପାଳଙ୍କ ପଦ୍ମ ଛାଡ଼ି ଶଙ୍ଖ ଧରିବାର ପ୍ରଥା ଏବେ ବନ୍ଦ ହେଲା ବୋଲି କୁହାଯାଉଛି ।

# ମହିମୁଣ୍ଡା ଜୁନିୟର କଲେଜରେ ଭାରତ ସରକାରଙ୍କ ପ୍ରମୁଖ ଯୋଜନା ଉପରେ କର୍ମଶାଳା ଅନୁଷ୍ଠିତ

ବଲାଙ୍ଗୀର, ୩୦/୦୭ (ନି.ପ୍ର): ବଲାଙ୍ଗୀର ଯୁବ ଭାରତ ଦ୍ୱାରା ଏକ ଦିନିକିଆ କର୍ମଶାଳା ଆୟୋଜନ ମହିମୁଣ୍ଡା ଜୁନିୟର କଲେଜରେ କରାଯାଇଥିଲା। ଯେଉଁ ଥିରେ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା ବିଶେଷ କରି ସ୍କିଲ୍ ଇଣ୍ଡିଆ ମିଶନ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୮୦ ରୁ ଅଧିକ ଛାତ୍ର ଛାତ୍ରୀ ଓ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଉଦ୍‌ବୋଧନ ଦେଇଥିଲେ କଲେଜର କାର୍ଯ୍ୟବାହୀ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପ୍ରଧାନ। ଯୁବ ଭାରତ ବଲାଙ୍ଗିର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରୀ କାର୍ତିକେଶ୍ୱର ନାଏକ ବିଶ୍ୱକର୍ମା ଯୋଜନା ର ଉପସ୍ଥାପନା କରିଥିଲେ । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ସ୍କିଲ୍ ଇଣ୍ଡିଆ ମିଶନ ବିଷୟରେ ଛାତ୍ର ଛାତ୍ରୀଙ୍କୁ ବିଷଦ ଭାବରେ ବୁଝାଇଥିଲେ ଉପସ୍ଥିତ ସାଧନା କର୍ମୀ ଅଶୋକ କୁମାର ମେହେର।

# ଧାରାବାହିକ: ସଂକ୍ଷିପ୍ତ ଭାଗବତ କଥାମୃତ

ଭାଗ-୧୦

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଭାବ ବିହ୍ୱଳିତ ହୋଇ ଆନନ୍ଦାଶ୍ରୁ ଗଡାଇବାରୁ କୃଷ୍ଣ ସେମାନଙ୍କୁ ଚାହିଁ ମୃଦୁ ହସିଲେ । ନାରୀମାନେ ପତଙ୍ଗ ସମାନ ଅଗ୍ନିକୁ ଧାବିତ ହେବାପରି ଲଜ୍ଜା ଛାଡି ଶ୍ରୀକୃଷ୍ଣଙ୍କୁ କୋଳାଗ୍ରତ କରିବାକୁ ଯିବାରୁ ଭଗବାନ ଜାଣିପାରି ସମସ୍ତଙ୍କ ହୃଦୟରେ ଅବତରି ଗଲେ । ବ୍ରାହ୍ମଣୀମାନେ ନିଜ ହୃଦୟରେ କୃଷ୍ଣଙ୍କୁ ଦର୍ଶନ କରି ଚକ୍ଷୁ ବନ୍ଦକରି ନିବିଡ ଆଲିଙ୍ଗନରେ ବାନ୍ଧି ପକାଇଲେ । ଚକ୍ଷୁ ଖୋଲି ଦେଖନ୍ତିତ ସେହି ରୂପ । ଶ୍ରୀକୃଷ୍ଣ କହିଲେ, ହେ ବିପ୍ର ନାରୀଗଣ, ତୁମ୍ଭେମାନେ ସମସ୍ତେ କୁଶଳରେ ଅଛତ ? ତୁମେମାନେ ଭଲରେ ଆସିଛ ଟି ? ତୁମ ଚରଣରେ ମୋର ନମସ୍କାର । ବିପ୍ରରମଣୀର ଚରଣ ଧୂଳି ଶିରରେ ଧାରଣ କରି ପ୍ରାଣୀ ସଂସାରରୁ ତରିଯାଏ । ତୁମେମାନେ ମୋର ଓ ଅନ୍ୟମାନଙ୍କର ନମସ୍ୟ । ତୁମ ମାନଙ୍କ ହସ୍ତରୁ ଅନ୍ନ ଭକ୍ଷଣ କରି ମୋ ଶରୀର ପବିତ୍ର ହେବ । ମୁଁ ତୁମର କି ସେବା କରିପାରିବି ଆଦେଶ କର । ନିଜର ଆରାଧ୍ୟଙ୍କ ମୁହଁରୁ ଏଭଳି ମଧୁର ବ୍ୟାଜବାଣୀ ଶୁଣି ଦ୍ୱିଜନାରୀଗଣ ଧନ୍ୟ ହେଲେ । ସେମାନେ ଆନନ୍ଦାଶ୍ରୁ ଗଡାଇବା ସହ ଏକ ଅନିର୍ବଚନୀୟ ସାତ୍ତ୍ୱିକ ଭାବର ପ୍ରକାଶ କଲେ । ସେମାନେ କହିଲେ, ହେ ମୁରଲୀ ମନୋହର କରୁଣା ସାଗର, ଆମ ମାନଙ୍କ ପ୍ରତି ତୁମ କରୁଣାର ପଟାନ୍ତର ନାହିଁ । ଯାହାକୁ ବ୍ରହ୍ମା, ଶଙ୍କର,ଋଷିମାନେ ମଧ ପାଆନ୍ତି ନାହିଁ ଆଜି ସ୍ୱୟଂ ଆମକୁ କେଉଁ ପୁନ୍ୟ ଫଳରେ ଦର୍ଶନ ଦେଇ ଜନ୍ମ ଜନ୍ମାନ୍ତରର ଦୁଃଖକୁ ଧୋଇଦେଲ । ଆମକୁ ପରୀକ୍ଷା କରି ଅପରାଧୀ କର ନାହିଁ, ତୁମ ଛଡା ଆମର କିଛି ଦରକାର ନାହିଁ, କେବଳ ତୁମ ଚରଣ ତୁଳସୀ ଆମକୁ ପ୍ରାପ୍ତ ହେଉନ । ଆମେ ଏହି ସମୟରୁ ସମସ୍ତଙ୍କୁ ତ୍ୟାଗ କଲୁ କେବଳ ଆପଣଙ୍କ ଶ୍ରୀଚରଣରେ ଦାସୀ ହେବାର ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମେ ଆଉ ସ୍ୱ ଗୃହକୁ ଫେରିବୁ ନାହିଁ ଦୟାକରି ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ । ଶ୍ରୀକୃଷ୍ଣ କହିଲେ ତୁମେମାନେ ଆଉ ଅଜ୍ଞାନୀ ନାହଁ, ମୋର ଦର୍ଶନ ପରେ ଜ୍ଞାନଚକ୍ଷୁ ଉନ୍ମୀଳିତ ହୋଇସାରିଛି । ଏବେ ଗୃହକୁ ଫେରିଯାଇ ମୋର ଆରାଧନା କର ଏବଂ ସ୍ୱାମୀମାନଙ୍କୁ ପୂର୍ଣ୍ଣାହୂତିରେ ସାହାଯ୍ୟ କର । ମୋର ଚରଣରେ ମନ ଦେଇଥିବା ପ୍ରାଣୀର କୌଣସି ଭେଦଭାବ ରହେନାହିଁ । ଯେଉଁଠି ବି ଥିଲେ ସେ ମୋତେ ଦର୍ଶନ କରେ । ତୁମର ସ୍ୱାମୀମାନେ ତୁମକୁ ପତ୍ନୀ ରୂପେ ପାଇଥିବାରୁ ଧନ୍ୟ ହେବେ, ସଦଗତି ପ୍ରାପ୍ତ ହେବେ । ତୁମମାନଙ୍କ ଦର୍ଶନରେ ଅନ୍ୟ ପ୍ରାଣୀମାନେ ମଧ୍ୟ ଜନ୍ମ ମୃତ୍ୟୁରୁ ନିସ୍ତାର ପାଇବେ । ମୋର ଭକ୍ତଗଣ ଯେଉଁଠି ମୋର ସଙ୍କୀର୍ତ୍ତନ କରନ୍ତି ମୁଁ ସେଠାରେ ଥାଏ । ମୁଁ ସର୍ବବ୍ୟାପୀ ହୋଇଥିବାରୁ ସବୁଠାରେ, ସର୍ବତ୍ର ଏକ ସମାନ ଅଛି । ତୁମେମାନେ ଏବେ ପ୍ରତ୍ୟାବର୍ତ୍ତନ କରି ସଂସାର ସୁଖଭୋଗ କର ଏବଂ ମୃତ୍ୟୁ ପରେ ମୋତେ ପ୍ରାପ୍ତ ହେବ । ବିପ୍ରନାରୀମାନେ କୃଷ୍ଣଙ୍କ ଚରଣରେଣୁ ମଥାରେ ଧାରଣ କରି ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ହୁଳହୁଳି ଓ ସଂକୀର୍ତ୍ତନ କରୁଥାନ୍ତି । ସେମାନଙ୍କର ହରିନାମ ବନ୍ଦୀ ବ୍ରାହ୍ମଣୀ କାନରେ ପଡିବାରୁ ଭାବିଲା, ହାୟ ମୁଁ କେଡେ ପାତକୀ, ପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ ପାଇଲି ନାହିଁ । ଏହା କହି ସେ ନିଜର ମଥାକୁ ଖମ୍ବରେ ପିଟି ଦେବାରୁ ସହସା ତାର ପ୍ରାଣ ଯାଇ ଶ୍ରୀକୃଷ୍ଣଙ୍କ ଚରଣରେ ମିଶିଗଲା । ବ୍ରାହ୍ମଣମାନେ କୃଷ୍ଣଭାବର ବିଭୋର ନିଜ ସ୍ତ୍ରୀମାନଙ୍କ ମହାନନ୍ଦ ଦେଖି ବୁଝିଗଲେ ଯେଉଁ ପରମାତ୍ମାଙ୍କର ଆରାଧନା ସେମାନେ ବର୍ଷବର୍ଷ କଠୋର ବ୍ରତ ପାଳନ କରି କରୁଛନ୍ତି ସେହି ପରମାତ୍ମାଙ୍କୁ ସେମାନଙ୍କର ସ୍ତ୍ରୀମାନେ କେବଳ ଭକ୍ତିରେ ପାଇଗଲେ । ନିଜର ପଠନ, ଅନୁଷ୍ଠାନ ପ୍ରତି ସେମାନଙ୍କର ଘୃଣାଭାବ ଆସିଲା । ଭକ୍ତି ବିନା ଏ ସବୁ ଯେ ବ୍ୟର୍ଥ ସେମାନେ ବୁଝିପାରିଲେ । ପ୍ରଭୁଙ୍କ ଦୟାକୁ ଆମେ ଉପେକ୍ଷା କଲୁ ଭାବି ପଶ୍ଚାତାପ କଲେ । ଯଜ୍ଞରେ ଆମେ ଯାହାର କଳ୍ପିତ ପାଦକୁ ପୂଜା କଲୁ ସେହି ହରି ସ୍ୱୟଂ ଆସି ଅନ୍ନପ୍ରାର୍ଥୀ ହେଲେ ଅଥଚ ଆମେ ଅହଂକାରୀ ହୋଇ ତାହା ପ୍ରଦାନ କଲୁନି । କିନ୍ତୁ ସେହି ଅନ୍ନ ଦାନ କରି ଆମର ଜ୍ଞାନହୀନା ପତ୍ନୀଗଣ ଭଗବାନଙ୍କୁ ଅନାୟସରେ ପ୍ରାପ୍ତ ହେଲେ । ସେମାନେ ବାସ୍ତବରେ ଆମର ପୂଜ୍ୟା, ନମସ୍ୟା, ବନ୍ଦନୀୟା । ଆମର ସୌଭାଗ୍ୟ ଯେ ଆମେ ଏଭଳି ପତ୍ନୀ ପାଇଛୁ କହି ସେମାନଙ୍କୁ କ୍ଷମାମାଗି ନିଜ କୃତକର୍ମ ନିମନ୍ତେ ଦୁଃଖ ପ୍ରକାଶ କଲେ । ସେମାନେ ଯେତେବେଳେ ପରଂବ୍ରହ୍ମ ବ୍ୟାଜରେ ଶରୀର ଧାରଣ କରିଛନ୍ତି ଜାଣିପାରିଲେ ଯଜ୍ଞ ଛାଡି ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ବନକୁ ଧାଇଁଲେ ମାତ୍ର କୌଣସିଠାରେ ନପାଇ ଫେରି ଆସି ଭାବିଲେ କଂସବଧ କରିବାକୁ ପ୍ରଭୁ ଆସିଲେ ସେତେବେଳେ ତାଙ୍କୁ ନିଶ୍ଚିତ ଦର୍ଶନ କରିବେ କହି ସେହି ଶୁଭ ଦିନ ଅପେକ୍ଷାରେ ରହିଲେ । ଏଥିରୁ ଜଣାଗଲା ଯେ ଭକ୍ତି ହିଁ ଆତ୍ମାର ସହଜ ଧର୍ମ । ଜ୍ଞାନ ସହଜ, ସରଳ ଓ ସ୍ୱତଃସ୍ଫୂର୍ତ୍ତ ଭକ୍ତି ବିକାଶର ବାଧକ ।

### ୨୪ଶ ଅଧ୍ୟାୟ, ଇନ୍ଦ୍ର ଯଜ୍ଞ ନିବାରଣ ବା ଗୋବର୍ଦ୍ଧନ ପୂଜା

ଗୋପପୁର ବାସୀମାନେ ବର୍ଷର ଏକ ନିର୍ଦ୍ଦିଷ୍ଟ ଦିବସରେ ଏକତ୍ରିତ ହୋଇ ଇନ୍ଦ୍ରପୂଜାର ଅନୁଷ୍ଠାନ କରିବାରୁ ଶ୍ରୀକୃଷ୍ଣ ପଚାରିଲେ, ବାବା ଇଏ କି ଅନୁଷ୍ଠାନ ? ଏହି ପୂଜା ଶାସ୍ତ୍ର ସମ୍ମତ ନା ଲୋକାଚାର ? ଏଥିରେ କାହାର ପୂଜା ହୁଏ ? ନନ୍ଦରାଜା କୃଷ୍ଣଙ୍କୁ କୋଳରେ ବସାଇ କହିଲେ, ଭଗବାନ ଇନ୍ଦ୍ର ବୃଷ୍ଟିର ଅଧିପତି ଏବଂ ଆମର ଇଷ୍ଟ କାରଣରୁ ଆମେ ପ୍ରତିବର୍ଷ ତାଙ୍କର ପୂଜା କରିଥାଉ । ସେ ସନ୍ତୁଷ୍ଟ ହେଲେ ପର୍ଯ୍ୟାପ୍ତ ବୃଷ୍ଟି କରିବେ ଫଳରେ ଧରଣୀ ଶସ୍ୟଶାମଳା ରହିବ ଏବଂ ପ୍ରାଣୀମାନେ ଖାଦ୍ୟ ଓ ଜଳ ପ୍ରାପ୍ତ ହେବେ । ଶ୍ରୀକୃଷ୍ଣ କହିଲେ, ଜୀବ କର୍ମର ଅଧୀନ, କର୍ମ ହିଁ ତାର ସୁଖ ଦୁଃଖ ଦାତା । ଲୋକମାନେ କହନ୍ତି ଈଶ୍ୱର ସୁଖ ଦୁଃଖ ଦାତା ମାତ୍ର ଈଶ୍ୱର କର୍ମାନୁସାରେ ଫଳ ପ୍ରଦାନ କରନ୍ତି । ପ୍ରାଣୀ କର୍ମ ଅନୁସାରେ ଜନ୍ମମୃତ୍ୟୁ ଚକ୍ରରେ ଘୁରି ବୁଲୁଥାଏ । ଏଣୁ କର୍ମ ହିଁ ଜୀବର ଗୁରୁ ଓ ଈଶ୍ୱର । ବ୍ରାହ୍ମଣର ଯଜନ, ଯାଜନ, କ୍ଷତ୍ରିୟର ଭୂମିପାଳନ ଓ ଦାନ, ବୈଶ୍ୟର କୃଷି ବାଣିଜ୍ୟ ଓ ଗୋରୁ ବୃତ୍ତି ଏବଂ ଶୂଦ୍ରର ସେବା ହିଁ କର୍ତ୍ତବ୍ୟ । ସତ୍ୱ, ରଜ ଓ ତମ ଏହି ତ୍ରିଗୁଣ ସୃଷ୍ଟି ସ୍ଥିତି ଓ ଲୟର କାରଣ । ରଜୋଗୁଣ ଦ୍ୱାରା ସ୍ତ୍ରୀ ପୁରୁଷ ସଂଯୋଗରେ ସୃଷ୍ଟି ସମ୍ଭବ । ରଜୋଗୁଣରୁ ମେଘମାନେ ବୃଷ୍ଟି କରନ୍ତି ଓ ପ୍ରାଣୀ ଜୀବନ ଧାରଣ କରନ୍ତି । ଆମ ପାଇଁ ଇନ୍ଦ୍ରର ବା କି ପ୍ରୟୋଜନ ଅଛି ? ସେ ତପସ୍ୟା ଦ୍ୱାରା ବଡ ହୋଇଥାଇପାରେ । ବନଗିରି ହେଉଛନ୍ତି ଆମର ପ୍ରକୃତ ଦେବତା । ନଦୀମାନେ ଆମକୁ ବିଶୁଦ୍ଧ ଜଳ ପ୍ରଦାନ କରି ଜୀବନ ଧାରଣ କରିବାରେ ସାହାଯ୍ୟ କରନ୍ତି ଏଣୁ ଗୋ ବ୍ରାହ୍ମଣ, ଅଗ୍ନି ଓ ଗୋବର୍ଦ୍ଧନ ପର୍ବତ ହେଉଛନ୍ତି ଆମର ପୂଜ୍ୟ । ଚାଲ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା । ବ୍ରାହ୍ମଣଙ୍କୁ ବରଣ କରି ଯଜ୍ଞାହୂତି ଦେବା ସହ ସେମାନଙ୍କୁ ଭୁରିଭୋଜନ ଦେବା । ଧେନୁମାନଙ୍କୁ କୋମଳ ତୃଣ ଖୁଆଇବା । କୃଷ୍ଣଙ୍କର ଏ ପ୍ରସ୍ତାବ ସମସ୍ତେ ଗ୍ରହଣ କରି ଆନନ୍ଦରେ ଗୋବର୍ଦ୍ଧନ ପୂଜା କଲେ । ଗୋପାଳମାନଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ନିଜେ କୃଷ୍ଣ ଯୋଗମାୟା ବଳରେ ନିଜେ ପର୍ବତ ସ୍ୱରୂପ ହୋଇ ସମସ୍ତ ଭୋଗ ନୈବେଦ୍ୟକୁ ଗ୍ରହଣ କଲେ । ସେପଟେ ନିଜେ ନନ୍ଦଙ୍କ କୋଳରେ ବାଳରୂପ ହୋଇ ବସି କହିଲେ, କି ଆଶ୍ଚର୍ଯ୍ୟ, ନିଜେ ପର୍ବତ ଦେବତା ମୂର୍ତ୍ତିମାନ ହୋଇ ଆମର ପୂଜା ଗ୍ରହଣ କଲେ । ଚାଲ ତାଙ୍କୁ ପ୍ରଣାମ କରିବା କହି ନିଜେ ପର୍ବତ ସମ୍ମୁଖରେ ଲମ୍ବ ହୋଇ ପ୍ରଣାମ କଲେ । ସମସ୍ତ ଗୋପ ପୁରବାସୀମାନେ ପ୍ରଣିପାତ କରିବାରୁ ପର୍ବତରୂପୀ ଶ୍ରୀକୃଷ୍ଣ କହିଲେ, ହେ ଗୋପ ପୁରବାସୀଗଣ, ମୁଁ ତୁମର ପୂଜାରେ ସନ୍ତୁଷ୍ଟ । ତୁମେମାନେ ନିର୍ଭୟରେ ବାସକର । ମୁଁ ତୁମକୁ ସମସ୍ତ ବିପଦ ଆପଦରୁ ରକ୍ଷା କରିବି । ଗୋପାଳମାନେ ଅତ୍ୟନ୍ତ ଆନନ୍ଦିତ ହେବା ସହ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଏହା ହୋଇଥିବାରୁ ତାଙ୍କୁ ବହୁ ପ୍ରଶଂସା କଲେ ଏବଂ ନିର୍ଭୟରେ ବାସକଲେ ।

### ୨୫ଶ ଅଧ୍ୟାୟ, ଗୋବର୍ଦ୍ଧନ ଧାରଣ ଓ ଇନ୍ଦ୍ରର ଗର୍ବ ଗଞ୍ଜନ

ଇନ୍ଦ୍ରଦେବ ପୂଜା ନ ପାଇବାରୁ ତମୋଗୁଣର ବଶବର୍ତ୍ତୀ ହୋଇ କୃଷ୍ଣ ମହିମା ବିସ୍ମୃତ ହୋଇ ସଂବର୍ତ୍ତକ ଆଦି ମେଘଗଣ ଏବଂ ଅଣଚାଶ ପବନଙ୍କୁ ଡକାଇ କହିଲେ , ଦେଖ ଜଣେ ସାତବର୍ଷର ବାଳକ ମୋତେ ଅବଜ୍ଞା କରିଛି । ତୁମେମାନେ ଯାଇ ଗୋପପୁରରେ ପ୍ରଳୟ ସୃଷ୍ଟିକର ଏବଂ ନନ୍ଦ ସମ୍ପଦ ଧ୍ୱଂସ କର । ମୁଁ ମଧ ଐରାବତ ଉପରେ ବିଜେ ହୋଇ ବଜ୍ର ନିକ୍ଷେପ କରି ଗୋପ ପୁରବାସୀଙ୍କୁ ସଂହାର କରିବି । ଆଦେଶ ସଙ୍ଗେ ସଙ୍ଗେ ପୂରଣ ହେବାରୁ ଗୋପପୁରରେ ଭୟଙ୍କର ଝଡ ତୋଫାନ ଆରମ୍ଭ ହୋଇଗଲା । ଗଛମାନ ଭାଙ୍ଗିପଡିବା ସହ ସବୁକିଛି ଅସ୍ତବ୍ୟସ୍ତ ହେବାକୁ ଲାଗିବାରୁ ଲୋକମାନେ ବିକଳରେ କୃଷ୍ଣଙ୍କ ରକ୍ଷା କରିବାକୁ ପ୍ରାର୍ଥନା କଲେ । କେହି କେହି ଏହି ଅଜ୍ଞାନ ବାଳକ କଥାରେ ଇନ୍ଦ୍ର ଦ୍ରୋହୀ ହୋଇଥିବାରୁ ଅନୁତାପ ମଧ୍ୟ କଲେ । ଶ୍ରୀକୃଷ୍ଣ ଏହି ଅଦିନିଆ ଝଡତୋଫାନ ବିଷୟରେ ଜାଣିପାରିଲେ ଯେ, ଇନ୍ଦ୍ର ରଜୋଗୁଣର ଅଜ୍ଞତା ହେତୁ ମୋତେ ଚିହ୍ନିନପାରି ଏଭଳି କରିଛି ଏଣୁ ତାକୁ ଶିକ୍ଷା ଦେବାକୁ ହେବ ଭାବି ଗୋବର୍ଦ୍ଧନ ପର୍ବତକୁ ନିଜ ବାମ ହାତରେ ଉଠାଇ ନେଇ ଅଙ୍ଗୁଳିରେ ଧାରଣ କରି ଛତ୍ରପ୍ରାୟ ଟେକି ଧରି କହିଲେ, ହେ ଗୋପପୁରବାସୀ, ତୁମେମାନେ ଏହି ପର୍ବତ ତଳକୁ ଚାଲିଆସ । ଏହା ଫୁଲପରି ମୋତେ ଉଶ୍ୱାସ ଲାଗୁଛି ଏଣୁ ତୁମେମାନେ ଏହାର ତଳେ ନିର୍ଭୟରେ ଆଶ୍ରୟ ନିଅ । କିଛି ଗୋପାଳଙ୍କର କୃଷ୍ଣଙ୍କ ଉପରେ ବିଶ୍ୱାସ ନହେବାରୁ ସେମାନେ ବାଡିଗୁଡିକୁ ପର୍ବତରେ ଡେରି ରଖି ତାତଳେ ବିଶ୍ରାମ ନେଲେ । ସେମାନେ କୃଷ୍ଣମାୟାରେ ଦିବସରାତ୍ର ଜାଣି ପାରିଲେ ନାହିଁ । ଏହା ଭିତରେ ସପ୍ତ ଦିବସ ଅହୋରାତ୍ର ବୃଷ୍ଟି କରିବାରୁ ମେଘମାନଙ୍କର ଜଳ ନିଃଶେଷ ହୋଇଗଲା । ପବନମାନେ ମଧ ଦୁର୍ବଳ ହୋଇଯିବାରୁ ଇନ୍ଦ୍ର ହତାଶ ହୋଇ ଭୟରେ ଚାହିଁବାରୁ କିଛି ଅସ୍ପଷ୍ଟ ଦେଖାଗଲା । ସେ କିଛି ଜାଣିନପାରି ଅଧିକ ହିଂସ୍ର ହୋଇ ବଜ୍ର ନିକ୍ଷେପ କଲେ । ଶ୍ରୀକୃଷ୍ଣ ଜାଣିଲେ ଯେ ବଜ୍ର ପର୍ବତର କ୍ଷତିକରିବ ଏଣୁ ସେ ସୁଦର୍ଶନକୁ ପର୍ବତର ସୁରକ୍ଷାରେ ନିୟୋଜିତ କଲେ । ବଜ୍ରସବୁ ଚକ୍ରରେ ମାଡ ହୋଇ ତେଜୋମୟ ଅଗ୍ନି ସ୍ଫୁଲିଙ୍ଗ ଜାତ ହେଲା ଏବଂ ସେହି ତେଜରେ ଇନ୍ଦ୍ର ଦଗ୍ଧ ହେଲାଭଳି ଲାଗିବାରୁ ସେ ଜାଣିପାରିଲେ ଯେ ଯେଉଁ ବାଳକ ସହ ତାଙ୍କର ଦ୍ରୋହ ସେ ଅନ୍ୟ କେହି ନିହେଁ ସ୍ୱୟଂ ଭଗବାନ ବିଷ୍ଣୁ । ଲଜ୍ଜା ଓ ଅନୁତାପରେ ସେ ଦଗ୍ଧୀଭୂତ ହେବା ସହ ମେଘ ଓ ପବନମାନଙ୍କୁ ସମ୍ବରଣ କରି ସେହି ସ୍ଥାନ ପରିତ୍ୟାଗ କଲେ । ଇନ୍ଦ୍ର ଚାଲିଯିବାରୁ ଆକାଶ ନିର୍ମଳ ଦେଖାଗଲା ଏବଂ ସୂର୍ଯ୍ୟଦେବ ପ୍ରକଟ ହେଲେ । ପର୍ବତକୁ ଯଥା ସ୍ଥାନରେ ରଖି ଗୋପାଳଙ୍କ ସହ ଆନନ୍ଦ ଓ କୋଳାହଳରେ ନିଜକୁ ଶ୍ରୀକୃଷ୍ଣ ମିଶାଇ ଦେଲେ । ଦେବତାମାନେ ପୁଷ୍ପବୃଷ୍ଟି କଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ସମ୍ପର୍କର ଗିଙ୍ଗ

## ସତ୍ୟକୁ ପ୍ରମାଣ ଲୋଡା ନାହିଁ



ଶ୍ୱେତା ରାଉତ୍

ମଣିଷର ସବୁଠୁ ବଡ ଆନନ୍ଦ 'ମୋତେ ସମସ୍ତେ ପସନ୍ଦ କରନ୍ତୁ, ମୁଁ ଠିକ୍ କହୁଛି, ମୁଁ ଠିକ୍ କରୁଛି, ମୋର କିଛି ଦୋଷ ତ୍ରୁଟି ନାହିଁ, ମୁଁ କାହା ଅଧିନରେ ରହିବି ନାହିଁ' । ଯଦି ଏତିକିରେ କେହି ବାଧା ଦିଏ ଆମର ମୁଣ୍ଡ ଖରାପ ହୋଇଯାଏ । ଆମେ ସବୁବେଳେ ନିଜେ ଠିକ୍ ବୋଲି ପ୍ରମାଣ କରିବାକୁ ଯାଇ କଥା କଟାକଟି, ମନୋମାଳିନ୍ୟ, ହଣା ମରା ଯାଏ ଆଗେଇ ଯାଉ ପଛେ କାହା ଆଗରେ ଆତ୍ମସମର୍ପଣ କରିବାର ଇଚ୍ଛା ରଖୁନା । ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ, ଘୃଣା, ନିନ୍ଦା, ଅପମାନ କରିବା ଓ ପରିଶେଷରେ ଅପରାଧ ଘଟାଇ ପ୍ରତିଶୋଧ ନେବା ପର୍ଯ୍ୟନ୍ତ ଆମ ଜିଦ୍‌ରେ ଆମେ ଅଟଳ ରହୁ । କିନ୍ତୁ କିଛି ଲାଭ ହୁଏନି ବରଂ ଲୋକମାନେ, ପାଗଳ ହୋଇଗଲାଣି କହି ମଜା ଉଡ଼ାନ୍ତି, ପରିହାସ କରନ୍ତି ।

ଦୁଇ ବ୍ୟକ୍ତି ଭିତରେ, ଦୁଇ ପରିବାର ଭିତରେ, ଦୁଇ ସାହି ଭିତରେ, ଗାଁ ଭିତରେ, ରାଜ୍ୟ ଭିତରେ, ଦୁଇ ଦେଶ ଭିତରେ ଯଦି କଳହ ଲାଗିଥାଏ, ନିଶ୍ଚୟ ଲକ୍ଷ କରିଥିବେ, କଳି ଲଗାଇବା ଲୋକ ଥିବେ ପଡୋଶୀ ଏବଂ କଳି ଲାଗିବା ପରେ ଜଣଙ୍କୁ ଅଯାଚିତ ବୁଦ୍ଧି ଦେଇ ଲଢେଇ କରିବାକୁ ପ୍ରବର୍ତ୍ତାଇଥିବା ଲୋକଟିକୁ ଦେଖିବାକୁ ପାଇବେ ଶତ୍ରୁ ସହିତ ହାତ ମିଳାଇ ଠିଆ ହୋଇଥିବେ । ଆପଣ ଏଭଳି ପରିସ୍ଥିତିରେ ନିଜେ ମଧ ପଡ଼ିଥାଇପାରନ୍ତି । ଯାହାକୁ ବିଶ୍ୱାସ କରି, ନିଜର ଭାବି ମନ କଥା ଖୋଲି କହିଥିବେ, ଦୁଃଖ ବଖାଣିଥିବେ, ନିଜର ଅତି ଘନିଷ୍ଠ ଭାବୁଥିବେ, ସେ ହିଁ ଆପଣଙ୍କ ଦୁର୍ବଳତାର ସୁଯୋଗ ନେଇ ଆପଣଙ୍କ ଶତ୍ରୁ ସହିତ ହାତ ମିଳାଇ ଆପଣଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବେ । ଏହା ହିଁ ଏ କଳି ଯୁଗର ଲୋକଙ୍କ ଲକ୍ଷଣ ।

ତେଣୁ କେବେ ବି କୌଣସି ପରିସ୍ଥିତିରେ ନିଜେ ଠିକ୍ ବୋଲି କାହା ସମ୍ମୁଖରେ ପ୍ରମାଣ କରିବାର ଆବଶ୍ୟକତା ନାହିଁ । ସତ୍ୟକୁ ପ୍ରମାଣର ଆବଶ୍ୟକତା ନାହିଁ । ଯାହା ଯାହାଙ୍କୁ ଭରସା କରି ଆପଣ ଭାବୁଥିବେ ନିଜକୁ ପ୍ରମାଣିତ କରିପାରିବେ, ସେଇମାନେ ହିଁ ଥିବେ ପ୍ରଥମ ଖଳନାୟକ ।ସେମାନେ କେବଳ ନୀରବ ମୁକ ସାକ୍ଷୀ । ତେଣୁ ଆପଣଙ୍କୁ କେବଳ ଆପଣଙ୍କ କର୍ମ କରିଯିବାର ଅଛି, ଈଶ୍ୱର ଆପଣଙ୍କ କର୍ମର ସାକ୍ଷୀ । ଯଦି ଆପଣ ନୀରବ ରହି ସବୁ ସହିଯିବେ । ସମୟ ଆପଣଙ୍କ ଧର୍ଯ୍ୟ ଓ କର୍ମ ପାଇଁ ଅଲୌକିକ ଆନନ୍ଦ ପ୍ରଦାନ କରିବେ । ଆପଣଙ୍କ ନିନ୍ଦା କରି ଖୁସି ହେଉଥିବା ବ୍ୟକ୍ତିର କେତେବେଳେ ପତନ ଘଟି ଚାଲିବ, ସେ ସ୍ୱୟଂ ଜାଣିପାରିବ ନାହିଁ । ପ୍ରତ୍ୟେକ ମଣିଷ ଯେମିତି ତା ସୁକର୍ମର ଫଳ ଭୋଗ କରି ଆନନ୍ଦ ପାଏ, ସେମିତି ତା ଅପକର୍ମର ଫଳ ଭୋଗ କରି ସର୍ବସ୍ୱାନ୍ତ ବି ହୋଇଯାଏ । ଦଣ୍ଡ ଦେବାର ଶକ୍ତି ବା କ୍ଷମତା ଆମର ନାହିଁ କି ନିଜକୁ ଠିକ୍ ପ୍ରମାଣ କରିବାର ମୂର୍ଖାମୀ ଆମେ କରିବା ଉଚିତ୍ ନୁହେଁ । ସବୁ ଈଶ୍ୱରଙ୍କୁ ସମର୍ପି ଦେଲେ ଅନ୍ତତଃ ନିଜ ମନ ଭିତରେ ଏକ ଅପୂର୍ବ ଆନନ୍ଦ ରହିବ । ମଣିଷ ସମ୍ମୁଖରେ ନୁହେଁ ଆମକୁ ନିଜ ବିବେକ ଓ ଈଶ୍ୱରଙ୍କ ସମ୍ମୁଖରେ ଠିକ୍ ହେବାର ଅଛି ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ । ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ । ଦୈନନ୍ଦିନ ଜୀବନରେ ଆମେ ଯେତେ ବ୍ୟସ୍ତ ରହିଲେ ମଧ କିଡ୍‌ନୀ କିପରି ସୁସ୍ଥ ରହିବ ସେ ନେଇ ସତର୍କ ରହିବା ନିହାତି ଦରକାର । ଏଥିରେ ସମସ୍ୟା ଦେଖାଦେଇଛି କି ନାହିଁ ତାହା ଜାଣିବା ପାଇଁ କେତୋଟି ପ୍ରମୁଖ କାରଣ ବିଷୟରେ ଅବଗତ ହେବା ଦରକାର । କିଡ୍‌ନୀ ଖରାପ ହେଲେ ହାତଗୋଡ଼ ଫୁଲିଯାଏ, ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ, ରକ୍ତଚାପ ଅସନ୍ତୁଳିତ ରହେ ଏବଂ ଦୁର୍ବଳ ଲାଗେ । ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ । ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ ଉପୁଜେ । ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରଚୁର ପରିମାଣର ପାଣି ପିଅନ୍ତୁ । ଶରୀରରେ ୟୁରିଆ ତତ୍ତ୍ୱ ସନ୍ତୁଳିତ ରଖନ୍ତୁ । ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ ଅଧିକ ଖାଆନ୍ତୁ । ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ । କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ କିମ୍ବା ଏହାର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ରୋଗ ଯଦି ଗୁରୁତର ଆକାର ଧାରଣ କରିଛି ସେହି ଅନୁସାରେ ଚିକିତ୍ସିତ ହୁଅନ୍ତୁ ।




ଘରେ କୌଣସି ଛୋଟମୋଟ ବାସ୍ତୁଦୋଷ ଥିଲେ ଏହାର ଅନେକ କୁ-ପ୍ରଭାବ ପରିବାରର ସୁଖ, ସମୃଦ୍ଧି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ । ଏହି ସମସ୍ୟାର ସମାଧାନପାଇଁ ଜାଣନ୍ତୁ କିଛିଟା ସରଳ ବାସ୍ତୁ ଟିପ୍ସ...

- ରୋଷେଇ ଘର କୋଣରେ ତମ୍ବା ପାତ୍ରରେ ଗଙ୍ଗାଜଳ ରଖିବା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି ।
- ଘରର ଉତ୍ତର-ପୂର୍ବ ଦିଗରେ ମା' ଲକ୍ଷ୍ମୀଙ୍କ ଫଟୋ ଲଗାଇ ନିୟମିତ ପୂଜାର୍ଚ୍ଚନା କଲେ ସୁଖସମୃଦ୍ଧି ବୃଦ୍ଧି ପାଏ ।
- ଉତ୍ତର ଦିଗରେ ଶୁଆ ଫଟୋ ଲଗାଇବା ବି ଶୁଭ । ଏହା ପିଲାଙ୍କ ଏକାଗ୍ରତା ବଢ଼ାଇବାରେ ସହାୟକ ହୋଇଥାଏ ।
- ଘରର ମୁଖିଆ ନିୟମିତ ଭଗବାନ ଶିବ ଓ ଚନ୍ଦ୍ର ଦେବଙ୍କର ମନ୍ତ୍ର ଉଚ୍ଚାରଣ କଲେ ସୁଖ, ଶାନ୍ତି ବୃଦ୍ଧିପାଏ ବୋଲି ବିଶ୍ୱାସ ରହିଛି ।
- ପୂର୍ବମୁଖୀ ଘରର ମୁଖ୍ୟଦ୍ୱାରରେ ସୂର୍ଯ୍ୟଯନ୍ତ୍ର ସ୍ଥାପନା କରି ପୂଜା କଲେ ପରିବାରର ଶୁଭ ହୁଏ ।
- ଘରର ମଧ୍ୟଭାଗରେ ଯେତେ କମ୍ ଜିନିଷ ରଖିବେ ସେତେ ଭଲ । ନଚେତ୍ ଏହା ଘର ମଧ୍ୟକୁ ପ୍ରବେଶ କରୁଥିବା ସକାରାତ୍ମକ ଉର୍ଜାକୁ ବାଧା ଦେଇଥାଏ ।
- ଦର୍ପଣକୁ ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାଇଲେ ଆୟ ଓ ଧନ ବୃଦ୍ଧି ପାଇଥାଏ ।
- ଘରର ମୁଖ୍ୟ ଦ୍ୱାରରେ କଳା ଘୋଡ଼ାର ନାଲ ଲଗାଇବା ବି ଶୁଭଫଳ ଦେଇଥାଏ ।
- ରୋଷେଇ ଘର ଏବଂ ବାଥ୍‌ରୁମ୍ ସାମ୍ନାସାମ୍ନି ରହିବା ଆଦୌ ଠିକ୍ ନୁହେଁ । ଏହାଦ୍ୱାରା ପରିବାର ଲୋକଙ୍କର ବାରମ୍ବାର ଦେହ ଖରାପ ହୁଏ ବୋଲି ବିଶ୍ୱାସ ରହିଛି ।
- କାଚ ବାଉଲ୍‌ରେ ଲୁଣ ନେଇ ବାଥ୍‌ରୁମ୍‌ରେ ରଖିଲେ ନକାରାତ୍ମକ ଶକ୍ତି ଦୂର ହୁଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୩୧ ଜୁଲାଇ ୨୦୨୫, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆମେରିକୀୟ ଶୁଳ୍କ: ଭାରତୀୟ ଅର୍ଥନୀତି ଉପରେ ପ୍ରଭାବ

ସଂଯୁକ୍ତ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୨୫% ଶୁଳ୍କ ସହିତ ଅତିରିକ୍ତ ଜୋରିମାନା ଲାଗୁ କରିବାକୁ ନିଆଯାଇଥିବା ନିଷ୍ପତ୍ତି, ଯାହା ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବ, ତାହା ଭାରତୀୟ ନୀତି ନିର୍ଦ୍ଧାରକ, ବ୍ୟବସାୟୀ ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ଗଭୀର ଚିନ୍ତାର ବିଷୟ। ଏହି ପଦକ୍ଷେପ ଭାରତୀୟ ଅର୍ଥନୀତି ଉପରେ କି ପ୍ରଭାବ ପକାଇବ, ତାହାର ଏକ ବିସ୍ତୃତ ବିଶ୍ଳେଷଣ କରିବା ଅତ୍ୟନ୍ତ ଜରୁରୀ।

ପ୍ରଥମେ, ଏହି ନିଷ୍ପତ୍ତି ପଛର କାରଣକୁ ଅନୁଧ୍ୟାନ କରିବା ଆବଶ୍ୟକ। ଆମେରିକା ଦୀର୍ଘ ଦିନ ଧରି ଭାରତ ସହିତ ବାଣିଜ୍ୟ ନିଅଣ୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଆସୁଛି । ଟ୍ରମ୍ପ ପ୍ରଶାସନ ବିଶ୍ୱ ବାଣିଜ୍ୟରେ 'ଆମେରିକା ପ୍ରଥମେ' ନୀତିକୁ ଗୁରୁତ୍ୱ ଦେଇଆସିଛି ଏବଂ ଏହି ପରିପ୍ରେକ୍ଷୀରେ ଅନ୍ୟ ଦେଶମାନଙ୍କ ଉପରେ ଶୁଳ୍କ ଲଗାଇବା ଏକ ସାଧାରଣ କଥା ହୋଇଛି । କିନ୍ତୁ ଭାରତ ଉପରେ ଏହିଭଳି ଏକ ବଡ଼ ଶୁଳ୍କ ଏବଂ ଜୋରିମାନା ଲଗାଇବା ନିଶ୍ଚିତ ଭାବରେ ଦେଶ ପାଇଁ ଏକ ବଡ଼ ଆହ୍ୱାନ। ଏହା କେବଳ ଭାରତର ରପ୍ତାନିକୁ ପ୍ରଭାବିତ କରିବ ନାହିଁ, ବରଂ ବାଣିଜ୍ୟ ସମ୍ପର୍କରେ ମଧ୍ୟ ଏକ ଗଭୀର ପ୍ରଭାବ ପକାଇବ। ଏହି ଶୁଳ୍କର ପ୍ରଭାବ ଭାରତର ରପ୍ତାନି କ୍ଷେତ୍ର ଉପରେ ସିଧାସଳଖ ପଡ଼ିବ । ଆମେରିକା ଭାରତର ଏକ ପ୍ରମୁଖ ରପ୍ତାନି ବଜାର। ୨୫% ଶୁଳ୍କ ଲାଗୁ ହେବା ଦ୍ୱାରା ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ବଜାରରେ ଅଧିକ ମହଙ୍ଗା ହୋଇଯିବ, ଯାହା ଫଳରେ ସେମାନଙ୍କର ପ୍ରତିଯୋଗିତାମୂଳକତା ହ୍ରାସ ପାଇବ। ଏହାଦ୍ୱାରା ଭାରତର ରପ୍ତାନି କମିଯିବ ଏବଂ ଅନେକ ବ୍ୟବସାୟ କ୍ଷତିଗ୍ରସ୍ତ ହେବେ। ବିଶେଷ କରି ବୟନ ଶିଳ୍ପ, ଚମଡ଼ା ଶିଳ୍ପ, ଫାର୍ମାସ୍ୟୁଟିକାଲ୍ସ ଏବଂ ସଫ୍ଟୱେୟାର ସେବା କ୍ଷେତ୍ରରେ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିପାରେ । ଏହି ସବୁ କ୍ଷେତ୍ରରେ ହଜାର ହଜାର ଲୋକ ନିୟୋଜିତ ଅଛନ୍ତି ଏବଂ ରପ୍ତାନି ହ୍ରାସ ପାଇଲେ ନିଯୁକ୍ତି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିପାରେ । ଏହି କ୍ଷେତ୍ରଗୁଡ଼ିକ ଉପରେ ପଡ଼ିବାକୁ ଥିବା ପ୍ରଭାବର ଏକ ବିସ୍ତୃତ ବିଶ୍ଳେଷଣ କରିବା ଆବଶ୍ୟକ ଏବଂ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ।

ଏହି ନିଷ୍ପତ୍ତିର ଦୂରଗାମୀ ପ୍ରଭାବ କେବଳ ବାଣିଜ୍ୟ କ୍ଷେତ୍ରରେ ସୀମିତ ରହିବ ନାହିଁ । ଏହା ଭାରତ-ଆମେରିକା ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଇବ। ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତରରେ ରହିଛି, କିନ୍ତୁ ଏହିଭଳି ଏକପାଖିଆ ବାଣିଜ୍ୟ ନିଷ୍ପତ୍ତି ସମ୍ପର୍କରେ ତିକ୍ତତା ଆଣିପାରେ । ଏହି ସମ୍ପର୍କକୁ ସୁଦୃଢ଼ ରଖିବା ପାଇଁ ଉଭୟ ରାଜନୈତିକ ଏବଂ କୂଟନୈତିକ ସ୍ତରରେ କାର୍ଯ୍ୟ କରିବାକୁ ପଡ଼ିବ । ଆମେରିକାକୁ ଏହି ନିଷ୍ପତ୍ତିର ଦୂରଗାମୀ ପ୍ରଭାବ ଏବଂ ଏହାର ଭାରତୀୟ ଅର୍ଥନୀତି ଉପରେ ପଡ଼ିବାକୁ ଥିବା ପ୍ରଭାବ ବିଷୟରେ ଅବଗତ କରାଇବା ଆବଶ୍ୟକ।

ସାଧାରଣ ଜନତାଙ୍କ ପାଇଁ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବ। ରପ୍ତାନି କମିଗଲେ, ଅର୍ଥନୀତି ଉପରେ ଚାପ ପଡ଼ିବ । ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିପାରେ ଏବଂ ନିଯୁକ୍ତି ସୁଯୋଗ ହ୍ରାସ ପାଇପାରେ। ଏହି ପରିସ୍ଥିତିରେ ଭାରତର ଘରୋଇ ବଜାରକୁ ସୁଦୃଢ଼ କରିବାକୁ ପଡ଼ିବ ଏବଂ ଭାରତୀୟ ଉତ୍ପାଦଗୁଡ଼ିକ ପାଇଁ ନୂତନ ବଜାର ଖୋଜିବାକୁ ପଡ଼ିବ । 'ମେକ୍ ଇନ୍ ଇଣ୍ଡିଆ' ଭଳି ପଦକ୍ଷେପଗୁଡ଼ିକ ଏହି ସମୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯିବ । ଦେଶକୁ ଉତ୍ପାଦନ କ୍ଷମତାକୁ ବଢ଼ାଇବାକୁ ପଡ଼ିବ ଏବଂ ଉତ୍ପାଦଗୁଡ଼ିକୁ ଆମେରିକା ବାହାରେ ଥିବା ବଜାରରେ ପ୍ରତିଯୋଗିତାମୂଳକ କରିବାକୁ ପଡ଼ିବ।

ଏହି ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି । ପ୍ରଥମେ, ଆମେରିକା କାହିଁକି ଏହି ନିଷ୍ପତ୍ତି ନେଲା ? ଏହା କେବଳ ବାଣିଜ୍ୟ ନିଅଣ୍ଟ ପାଇଁ ନା ଏହା ପଛରେ ଅନ୍ୟ କୌଣସି ରାଜନୈତିକ କାରଣ ରହିଛି ? ଦ୍ୱିତୀୟରେ, ଭାରତର ପ୍ରତିକ୍ରିୟା କଣ ହେବା ଉଚିତ ? ପ୍ରତିଶୋଧମୂଳକ ଶୁଳ୍କ ଲଗାଇବା ଉଚିତ ନା କୂଟନୈତିକ ସ୍ତରରେ ଏହାର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ ? ତୃତୀୟରେ, ଭାରତର ବ୍ୟବସାୟୀମାନଙ୍କୁ ଏହି ସଙ୍କଟରୁ ବାହାରିବା ପାଇଁ ସରକାର କିଭଳି ସହାୟତା କରିବେ ? ଚତୁର୍ଥରେ, ଦେଶ ତାର ବାଣିଜ୍ୟ ସମ୍ପର୍କକୁ କିଭଳି ବିବିଧ କରିବା ଏବଂ ଅନ୍ୟ ଦେଶମାନଙ୍କ ସହିତ ନୂତନ ବାଣିଜ୍ୟ ଚୁକ୍ତି କରିବା ? ପଞ୍ଚମରେ, ଏହି ପରିସ୍ଥିତି ଭାରତୀୟ ଅର୍ଥନୀତିକୁ କେଉଁ ଦିଗକୁ ନେଇଯିବ ? ଏହି ପ୍ରସଙ୍ଗରେ, ରୁଷିଆ ଉପରେ ଆମେରିକାର ପ୍ରତିବନ୍ଧକର ପ୍ରଭାବକୁ ମଧ୍ୟ ବିଚାର କରିବାକୁ ପଡିବ । ଭାରତ ରୁଷିଆରୁ ବିଭିନ୍ନ ପ୍ରତିରକ୍ଷା ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆମଦାନୀ କରେ । ରୁଷିଆ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକ ଯୋଗୁଁ ଭାରତକୁ ଏହି କ୍ଷେତ୍ରରେ ବିକଳ୍ପ ଖୋଜିବାକୁ ପଡ଼ିପାରେ, ଯାହାକି ଅଧିକ ବ୍ୟୟବହୁଳ ହୋଇପାରେ। ଏହା ଭାରତର ବୈଦେଶିକ ନୀତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି । ଗୋଟିଏ ପଟେ ଆମେରିକା ସହିତ ବାଣିଜ୍ୟିକ ସମ୍ପର୍କର ସୁରକ୍ଷା ଏବଂ ଅନ୍ୟ ପଟେ ରୁଷିଆ ସହିତ ରଣନୀତିକ ସମ୍ପର୍କ ବଜାୟ ରଖିବା ଦ୍ୱାରା ଭାରତ ଏକ କଠିନ ସ୍ଥିତିରେ ପଡ଼ିଛି । ମନେ ରଖିବାକୁ ହେବ, ରୁଷିଆ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକ ଆମେରିକାର ତରଫରୁ ଏକ ଏକପାଖିଆ ନିଷ୍ପତ୍ତି, ଯାହାକି ଅନ୍ୟ ଦେଶମାନଙ୍କୁ ମଧ୍ୟ ପ୍ରଭାବିତ କରୁଛି । ତେଣୁ, ଭାରତକୁ ଏହି ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୈତିକ ପରିସ୍ଥିତିରେ ଅତ୍ୟନ୍ତ ସାବଧାନତାର ସହିତ ପଦକ୍ଷେପ ନେବାକୁ ପଡ଼ିବ।

ଏହି ସମସ୍ତ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଏକ ସୁଚିନ୍ତିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ଆପଣେଇବାକୁ ପଡ଼ିବ। ଏହି ପରିସ୍ଥିତିରେ ଭାରତକୁ ତାର ଅର୍ଥନୀତିକୁ ଅଧିକ ସୁଦୃଢ଼ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଚେଷ୍ଟା କରିବା ଉଚିତ । ଆମେରିକା ସହିତ ଭାରତର ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ, ଦେଶକୁ ଜାତୀୟ ସ୍ୱାର୍ଥକୁ ସର୍ବୋପରି ରଖିବାକୁ ପଡ଼ିବ ।



# ପ୍ରସଙ୍ଗ: ଡିଜିଟାଲ ହେବ ଜାତି ଜନଗଣନା

## ଗୋପାଳ ମହାପାତ୍ର

> ଜନଗଣନାର ନିରନ୍ତରତା ଜରୁରୀ। ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି। ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି। ଊନବିଂଶ ଶତାବ୍ଦିରେ ଦୃତଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦି ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା। ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଜନଗଣନା ପାଇଁ ଅଧିସୂଚନା ଜାରୀ କରାଯାଇଛି। ଏହି ଜନଗଣନା ୨୦୨୧ରେ ହେବାକୁ ଥିଲା କିନ୍ତୁ କରୋନା ମହାମାରୀ କାରଣରୁ ସ୍ଥଗିତ ରହିଥିଲା। କଂଗ୍ରେସ ସମେତ ସବୁ ବିରୋଧି ଦଳମାନେ ଜାତିଗତ ଜନଗଣନା ପାଇଁ ଦାବି କରୁଥିଲେ। ପରିଶେଷରେ ମୋଦୀ ସରକାର ମଧ୍ୟ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ନେଲେ। ଫଳତଃ ଜାତିଗତ ଜନଗଣନାକୁ ନେଇ ଯେଉଁ ରାଜନୀତି ଚାଲିଥିଲା ତାହା ସମାପ୍ତ ହୋଇଛି। ସବୁ ବର୍ଗର ପ୍ରମୁଖ ଜାତିମାନଙ୍କ ସହ ଉପଜାତି ବାବଦରେ ଗଣନା ବେଳେ ଜଣାପଡିବ। ସେତେବେଳେ ଜାତିଗତ ଜନଗଣନା ଠିକ କି ନୁହେଁ ବୋଲି କୁହାଯାଇପାରିବ। ଇ-ବଜାର, ଇ-ଆବେଦନ, ଇ-ରେଳ ଓ ଇ-ନେଣଦେଣ ପରେ ଏବେ ଇ-ଜନଗଣନା ଅର୍ଥାତ୍ ଡିଜିଟାଲ ଗଣତି ହେବ। ଏହି ଗଣନାରେ ଜାତିର ଗଣତି ମଧ୍ୟ ହେବ। ଡିଜିଟାଲ ଜନଗଣନାରେ ଜନ୍ମ ଓ ମୃତ୍ୟୁ ବାବଦରେ ତଥ୍ୟ ମଧ୍ୟ ରହିବ। ଏଣୁ ପ୍ରତି ଜନ୍ମ ପରେ ଡିଜିଟାଲ ଜନଗଣନା ମନକୁ ମନ ହୋଇଯିବ ଏବଂ ମୃତ୍ୟୁ ପରେ ଡିଜିଟାଲ ଡାଟାରୁ ମୃତକଙ୍କ ନାମ ମନକୁ ମନ କଟିଯିବ। ଜନଗଣନା ରେଜିଷ୍ଟରରେ ପିଲା/ଶିଶୁର ଜନ୍ମ, ମାତା/ପିତା, ଜାତି ଏବଂ ଜନ୍ମ ସ୍ଥାନ ସମେତ ୧୬ଟି ଭାଷାରେ ୩୬ଟି ପ୍ରଶ୍ନର ଉତ୍ତର ମଧ୍ୟ ଦରଜ ହୋଇଯିବ। ଶିଶୁ/ପିଲାକୁ ୧୮ବର୍ଷ ହେଲେ ଭୋଟର ତାଲିକାରେ ତାର ନାମ ପଞ୍ଜିକୃତ କରିବା ପାଇଁ ମଧ୍ୟ ଡିଜିଟାଲ ମାଧ୍ୟମରେ ନିର୍ବାଚନ କମିଶନଙ୍କ ପାଖକୁ ଚାଲିଯିବ। ଫଳତଃ ତାକୁ ଭୋଟର ପରିଚୟପତ୍ର ମିଳିଯିବ ଏବଂ ଭୋଟର ତାଲିକାରେ ସ୍ୱତଃପୂର୍ତ୍ତ ଭାବେ ତାର ନାମ ଯୋଡି ହୋଇଯିବ। ଯେତେବେଳେ କୌଣସି ଭୋଟରର ମୃତ୍ୟୁ ହୋଇଯିବ ସେତେବେଳେ ଭୋଟର ତାଲିକାରୁ ତାର ନାମ ମନକୁ ମନ କଟିଯିବ। ଏହିପରି ଜନଗଣନାର ତଥ୍ୟ ବା ଡ଼ାଟା ସବୁବେଳେ ଅପଟୁଡେଟ ରହିବ।

ଏହି ଡିଜିଟାଲ ଜନଗଣନା (ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟାର) ପ୍ରକ୍ରିୟାରେ ପାଖାପାଖି ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଡିଜିଟାଲ ଜନଗଣନା ଦେଶରେ କରାଯିବ ବୋଲି ୨୦୨୧ ମସିହା ଫେବୃୟାରୀ ମାସ ୧ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ସେତେବେଳେ ମଧ୍ୟ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥମନ୍ତ୍ରୀ ଥିଲେ ଓ ସେ ଡିଜିଟାଲ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ। ଡିଜିଟାଲ ଜନଗଣନାରେ ନାଗରିକମାନେ ସାମିଲହେବା ପାଇଁ ଏକ ଉତ୍ତମ ଅନଲାଇନ୍ ସୁବିଧା ପାଇ ପାରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଭାରତୀୟ ନାଗରିକ ମାନଙ୍କୁ ଅନଲାଇଡ୍ ସ୍ୱ-ଗଣନାର ଅଧିକାର ଦେବା ପାଇଁ ପୂର୍ବର ନିୟମରେ ପରିବର୍ତ୍ତନ କରାଯାଇଛି। ଜନଗଣନା (ସଂଶୋଧନ) ୨୦୨୨ ଅନୁସାରେ ପରମ୍ପରାଗତ ପ୍ରକ୍ରିୟାରେ ସରକାରୀ କର୍ମଚାରୀମାନେ ଘରକୁ ଯାଇ ଜନଗଣନା କରିବେ କିନ୍ତୁ ଏବେ ନାଗରିକ ସ୍ୱ-ଗଣନା ମଧ୍ୟମରେ ମଧ୍ୟ ଅନୁସୂଚୀ ପ୍ରାରୂପ (ଜନଗଣନା ଆବେଦନପତ୍ର) ପୂରଣ କରିପାରିବେ। ଏଇଥିପାଇଁ ସଂଶୋଧନ କରାଯାଇ ପୂର୍ବ ନିୟମରେ ଇଲେକ୍ଟ୍ରୋନିକ ଫର୍ମ ଶବ୍ଦ ଯୋଡ଼ାଯାଇଛି। ଏ ସମ୍ପର୍କରେ ସୂଚନା ଏବଂ ପ୍ରାଦ୍ୟୋଗୀକି ଆଇନ୍ ୨୦୦୦ର ଧାରା ୨ର ଉପଧାରା (୧)ର ଖଣ୍ଡ "ଆର"ରେ କୁହାଯାଇଛି। ଏହି ଆଇନ୍ ଅନୁସାରେ ଗଣମାଧ୍ୟମ, ମ୍ୟାଗ୍ନେଟିକ, କମ୍ପ୍ୟୁଟର ଜନିତ ମାଇକ୍ରୋଚିପ ବା ଏହିଭଳି ଅନ୍ୟ ଉପକରଣରେ ପ୍ରସ୍ତୁତ କରି ପଠାଯିବା ଅଥବା ସଂଗୃହୀତ ହୋଇଥିବା ତଥ୍ୟକୁ ଇଲେକ୍ଟ୍ରୋନିକ ଫର୍ମରେ ଦିଆଯାଇଥିବା ସୂଚନା ବୋଲି ଗ୍ରହଣ କରାଯିବ। ଏପରିକି ନାଗରିକ ଏଣ୍ଡ୍ରଏଡ୍ ମୋବାଇଲ ଫୋନ ମାଧ୍ୟମରେ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଜନଗଣନା ଫର୍ମରେ ପୂରଣ କରିପାରିବେ। ଏହି ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସରକାରୀ କର୍ମଚାରୀ ଘରକୁ ଘର ବୁଲି ଜନଗଣନା କରିବେ। ଗଣନାର ଏହି ବିକେନ୍ଦ୍ରୀକରଣ କାରଣରୁ ପ୍ରତି ୧୦ ବର୍ଷପରେ ଜନଗଣନା ପାଇଁ ଯେଉଁ ପରମ୍ପରା ଥିଲା ତାର ସମାପ୍ତି ଘଟିବ। ଅନ୍ୟପକ୍ଷରେ ପ୍ରତିମାସରେ ଦେଶର ସବୁ ପଞ୍ଚାୟତ ସ୍ତରରୁ ଜନ୍ମ-ମୃତ୍ୟୁ ସମ୍ପର୍କୀତ ତଥ୍ୟ ସଠିକ୍ ମିଳିଯିବ।

ଜନଗଣନାର ନିରନ୍ତରତା ଜରୁରୀ। ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି। ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି। ଊନବିଂଶ ଶତାବ୍ଦିରେ ଦୃତଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦି ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା। ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତରେ ଘର ଘର ବୁଲି ଜନଗଣନା କରିବା ଏମାନଙ୍କ ପାଇଁ ମଧ୍ୟ କଷ୍ଟକର ହେଉଥିଲା। କିନ୍ତୁ ଏବେ ସ୍ୱ-ଆବେଦନ ପାଇଁ ସରକାରଙ୍କ ଘୋଷଣା ପରେ ଅନେକ ନାଗରିକ ଘରେ ବସି ମଧ୍ୟ ଅନଲାଇନ୍‌ରେ ନିଜର ଏଣ୍ଡ୍ରଏଡ୍ ଫୋନ ମାଧ୍ୟମରେ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ସର୍ବୋପରି ଡିଜିଟାଲ କରାଯାଉଥିବା କାରଣରୁ ଜନସଂଖ୍ୟା ବାବଦରେ ସଠିକ୍ ତଥ୍ୟ ପାଇଁ ଆଉ ୧୦ ବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ। ଅପଡେଟ ସୂଚନା ସବୁବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪



# ଉତ୍ତର ବାଲେଶ୍ୱରର ବନ୍ୟା ବିପତ୍ତି ଓ ନିରାକରଣ

## କାଳିକିଙ୍କର

ଉତ୍ତର ବାଲେଶ୍ୱର ବୋଇଲେ ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ଅଞ୍ଚଳକୁ ବୁଝାଏ । ଏହି ଅଞ୍ଚଳ ଓଡ଼ିଶାର ସମୃଦ୍ଧିରେ ସବୁକାଳେ ଅହମ ଯୋଗଦାନ ଦେଇ ଆସିଛି । ଏହି ଅଞ୍ଚଳର ନଦୀ ଅବବାହିକାର ଶସ୍ୟ କ୍ଷେତ୍ର ବର୍ଷର ବାରମାସ ଶସ୍ୟଶ୍ୟାମଳା ହୋଇ ରହିଥାଏ । ଧାନ, ପନିପରିବା ଉତ୍ପାଦନର ଏ ହେଉଛି ପେଣ୍ଠସ୍ଥଳ । ଏହାବ୍ୟତୀତ ଏହି ଅଞ୍ଚଳକୁ ଘେରି ରହିଥିବା ସମୁଦ୍ର ଓ ଏହି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ନଦୀ ମଧ୍ୟ ମୀନ ଉତ୍ପାଦନର ପ୍ରମୁଖକେନ୍ଦ୍ର । ସମୁଦ୍ର କୂଳଠାରୁ ପରିବ୍ୟାପ୍ତ ଏହି ଅଂଚଳ ପାନ, ଗୁଆ, ନଡ଼ିଆ, କାଜୁ ଆଦି ଉତ୍ପାଦନରେ ବିଶ୍ୱବିଖ୍ୟାତ । ଉତ୍କଳର ଭାତହାଣ୍ଡି ଓ ଧନମାନର ମଉଡ଼ମଣି ବୋଲି ମଧ୍ୟ ଏ ଅଞ୍ଚଳକୁ କୁହାଯାଏ । ଏ ଅଞ୍ଚଳର ପୌରାଣିକ ପ୍ରସିଦ୍ଧି ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଦ୍ୱାପର ଯୁଗରେ ହସ୍ତିନା ଓ ଇନ୍ଦ୍ରପ୍ରସ୍ଥକୁ ଏହି ଅଂଚଳ ଶସ୍ୟ ଯୋଗାଉଥିଲା ବୋଲି ଲୋକ କଥା ରହିଛି । ପାଣ୍ଡବ ଓ କୌରବମାନେ ଏଠାରେ ଶସ୍ୟ ଉତ୍ପାଦନ କରି ସୁଖରେ କାଳାତିପାତ କରୁଥିଲେ । ଆଉ ଏକ କଥା ମଧ୍ୟ ରହିଛି ଯେ ମହାଭାରତ ଯୁଦ୍ଧ ଏହି ଜମି ଭାଗକୁ ନେଇ ହୋଇଥିଲା ବୋଲି ମଧ୍ୟ ଅନୁମାନ କରାଯାଏ । ଏହି ଉର୍ବର ଜମିରୁ ସୂଚ୍ୟଗ୍ରେ ଦେବନାହିଁ ବୋଲି ଯେତେବେଳେ ଦୁର୍ଯ୍ୟୋଧନ କହିଲା ତାହାହିଁ ପାଣ୍ଡବ କୋଉର୍ବଙ୍କ ମଧ୍ୟରେ ଯୁଦ୍ଧର ସୂତ୍ରପାତ କରିଥିଲା । ଦ୍ରୌପଦୀଙ୍କ ବସ୍ତ୍ର ହରଣ, ଶକୁନିର ଷଡ଼ଯନ୍ତ୍ର ଇତ୍ୟାଦି ଏକ ଏକ କାହାଣୀ ବୋଲି କୁହାଯାଏ କିନ୍ତୁ ପ୍ରକୃତ କାରଣ ଥିଲା ଏହି ଭୂମି ବିବାଦ ।

ଆଉ ଏକ କାହାଣୀ ମଧ୍ୟ ରହିଛି ଯେ ସ୍ୱର୍ଗରେ ଥରେ ଖାଦ୍ୟାଭାବ ଦେଖାଦେଲା । ଏହି ଖାଦ୍ୟାଭାବ ଦୂର କରିବାପାଇଁ ମହାଦେବ ତାଙ୍କ ତ୍ରିଶୂଳକୁ ଲଙ୍ଗଳ କରି ଏଠାରେ ଚାଷ କରିଥିଲେ । ବାଲିଆପାଳର ପ୍ରସିଦ୍ଧ ଲଂଗଳେଶ୍ୱର ମନ୍ଦିର ଏମିତି ଏକ କିମ୍ବଦନ୍ତୀକୁ ଆମ ଆଗରେ ଉପସ୍ଥାପିତ କରେ । ଆହୁରି ମଧ୍ୟ ଏକ ଲୋକକଥା ରହିଛି ଯେ ଏହି ବିଶାଳ ଶସ୍ୟକ୍ଷେତ୍ରକୁ ସୁରକ୍ଷାଦେବାପାଇଁ ଦେବୀ ପାର୍ବତୀ ମାଆ ବିଶାଳାକ୍ଷୀ ଭାବରେ ଭୋଗରାଇରେ ଅବତୀର୍ଣ୍ଣ ଥିଲେ । ସେମିତି ବାବା ଭୂଷଣ୍ଡେଶ୍ୱର ଭାବରେ ପୂଜିତ ଏକ ବିଶାଳ ଶିବ ଲିଙ୍ଗ ସମୁଦ୍ରର ଅନତି ଦୂରରେ ଓ ସୁବର୍ଣ୍ଣରେଖା ନଦୀର ମୁହାଁଣ ସନ୍ନିକଟ ଅବସ୍ଥିତ ଅଟେ । ଭୂଷଣ୍ଡେଶ୍ୱରଙ୍କ ବିଷୟରେ ଅନେକ ଲୋକ କଥା ଶୁଣିବାକୁ ମିଳେ ତେବେ ରାବଣ ଏହାକୁ କୈଳାସରୁ ଲଙ୍କା ନେଇ ଯାଉଥିବାବେଳେ ଏଠାରେ କିଛି ସମୟ ବିଶ୍ରାମ ନେବାର ଇଚ୍ଛାରେ ପ୍ରଭୁଙ୍କୁ ମାଟିରେ ଥୋଇଦେଲା । ଆଉ ସେଠାରୁ ସେ ଉଠିଲେ ନାହିଁ । ତେବେ ଆଉ ଏକ ଲୋକକଥା ଏଠାରେ ବିଚାରକୁ ନିଆଯାଇପାରେ ଯେ ସୁବର୍ଣ୍ଣରେଖା ମୁହାଣ ବାଟେ ଅସଂଖ୍ୟ କୁମ୍ଭୀର ନଦୀ ଓ ତାର ଆଶପାସ ଅଞ୍ଚଳକୁ ପଶି ଯାଉଥିଲେ ଓ ଅନେକ ଜନଧନର କ୍ଷତି କରୁଥିଲେ । ତେଣୁ ପ୍ରଭୁଙ୍କ ଇଚ୍ଛାରେ ଏଠାରେ ଭୂଷଣ୍ଡେଶ୍ୱର ରୂପରେ ମହାଦେବ ଅବତୀର୍ଣ୍ଣ ହୋଇ କୁମ୍ଭୀରଙ୍କୁ ସମୁଦ୍ରରୁ ନଦୀ ଭିତରକୁ ଯିବାକୁ ଅଟକାଉଥିଲେ । ସେମାନେ କେବଳ ନଦୀ ମୁହାଣର କିଛି ବାଟ ଆସି ଭୂଷଣ୍ଡେଶ୍ୱର ମହାଦେବଙ୍କ ଦର୍ଶନ କରି ଫେରୁଥିଲେ ।

ଏମିତି ଅନେକ ଲୋକ କଥା ରହିଛି ତେବେ ଅନନ୍ତ କାଳରୁ ଉତ୍ତର ବାଲେଶ୍ୱର ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ଆସୁଛି । ବିଶେଷ ଭାବରେ ସୁବର୍ଣ୍ଣରେଖା ନଦୀ ବାରମ୍ବାର ବନ୍ୟାଦ୍ୱାରା ପ୍ରଭୁତ କ୍ଷତି କରି ଆସୁଛି । ଗାଁକୁ ଗାଁ ଭସେଇ ନେଉଛି- ଶସ୍ୟକ୍ଷେତ୍ର ଉଜାଡ଼ି ଦେଉଛି । ପଶୁଧନର ମଧ୍ୟ ବହୁତ କ୍ଷତି ହେଉଛି । ଅନେକ ଜୀବନ ଯାଉଛି ପ୍ରତିବର୍ଷ । ରାସ୍ତାଘାଟରେ ବଡ଼ ବଡ଼ ଘାଇ ହେଉଛି । ସେମିତି ଜଳକା ନଈ ବସ୍ତା ଅଞ୍ଚଳର କ୍ଷୟକ୍ଷତି କରି ଚାଲିଛି । କଥାରେ ଅଛି ଜଳକା ସମାନ୍ୟର ଅଧିକ ବର୍ଷା ହେଲେ ବନ୍ୟାର ରୂପ ନିଏ । ସେମିତି ବୁଢ଼ାବଳଙ୍ଗ ନଦୀ । ତେବେ ସୁବର୍ଣ୍ଣରେଖା ଯେମିତି ଆତଙ୍କ ସୃଷ୍ଟି କରିଚାଲିଛି ସେମିତି ଏ ଦୁଇ ଛୋଟ ନଈ କରନ୍ତି ନାହିଁ କାରଣ ଏମାନେ ସୁବର୍ଣ୍ଣରେଖା ଭଳି ଖରସ୍ରୋତା ନୁହଁନ୍ତି ।

ସ୍ୱାଧୀନତାର ଏତେବର୍ଷ ବିତିଗଲେ ମଧ୍ୟ ଏହି ନଦୀମାନଙ୍କର ବନ୍ୟାଜଳ ନିୟନ୍ତ୍ରଣପାଇଁ କୌଣସି ସାର୍ଥକ ଯୋଜନା ହୋଇପାରିନାହିଁ । ଏହାର କାରଣ କଣ ଏହା ବୁଝିନେବା ଯେ ବନ୍ୟା ନିୟନ୍ତ୍ରଣ ଅସମ୍ଭବ ? ନା, ଏହା ସମ୍ଭବ । ତେବେ ଏଥିପାଇଁ ବାସ୍ତବ ଯୋଜନା ଓ ସରକାରଙ୍କର ଆନ୍ତରିକତାର ଆବଶ୍ୟକତା ରହିଛି । ଏହାର ଅଭାବରେ ଉତ୍ତର ବାଲେଶ୍ୱରରେ ବାରମ୍ବାର ବନ୍ୟା ସମସ୍ୟା ଦେଖାଦେଉଛି ।

ଏହି ସମସ୍ୟାର ସମାଧାନର ପ୍ରଥମ ବ୍ୟବସ୍ଥା ହେଲା ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ । ସୁବର୍ଣ୍ଣରେଖା ମୁହାଣପାଖରୁ ପ୍ରାୟ କୋଡିଏ ପଚିଶ କିଲୋମିଟର ପୋତି ହୋଇ ଯାଇଛି ଯାହା ଫଳରେ ନଦୀର ପାଣି ସହଜରେ ସମୁଦ୍ରକୁ ଯାଇ ପାରୁନାହିଁ । ସୁବର୍ଣ୍ଣରେଖାକୁ ସଂଯୋଗ କରି ଯେଉଁ କଷ୍ଟ କେନାଲ ବା ଗୁଆଶାଳ କେନାଲ ରହିଛି ତାହା ମଧ୍ୟ ପୋତି ହୋଇ ଯାଇଛି । ସେମିତି ବାଲିଆପାଳ ଅଞ୍ଚଳରେ କେନାଲର ଅବସ୍ଥା ମଧ୍ୟ ସେମିତି । ଯଦି ସୁବର୍ଣ୍ଣରେଖା ମୁହାଣକୁ ଖୋଲି ସମୁଦ୍ରକୁ ଜଳ ପ୍ରବାହର ପଥ ସୁଗମ ହୁଅନ୍ତା ତେବେ ବନ୍ୟା ବିପତ୍ତି ନିଶ୍ଚୟ କିଛି ପରିମାଣରେ ହ୍ରାସ ପାଆନ୍ତା । ଦ୍ୱିତୀୟରେ କେନାଲ ମାନଙ୍କୁ ପ୍ରଶସ୍ତ ଓ ପରିଷ୍କାର କରି ଯଦି ମଝିରେ ମଝିରେ ଜଳ ଭଣ୍ଡାର କରାଯାଆନ୍ତା ତେବେ ବନ୍ୟାଜଳ ନିୟନ୍ତ୍ରଣ ହେବା ସହ କୃଷିର ଉନ୍ନତି ହୋଇପାରନ୍ତା।

ଜଳକା ଓ ବୁଢ଼ାବଳଙ୍ଗ ନଈକୁ ଯଦି ସଂଯୋଗ କରି ସେମିତି କେନାଲ ଓ ବୁଢ଼ାବଳଙ୍ଗର ବଳରାମଗଡ଼ିଠାରେ ଥିବା ମୁହାଣ ପରିଷ୍କାର ହୁଅନ୍ତା ତେବେ ଜଳକା ବସ୍ତା ଅଞ୍ଚଳରେ ବିଶେଷ କ୍ଷତି କରିପାରନ୍ତା ନାହିଁ । ସେମିତି ଜଳକାର ଜଳ ବା ବୁଢ଼ାବଳଙ୍ଗର ଜଳକୁ ଯଦି ସଂରକ୍ଷଣ କରାଯିବାର ବ୍ୟବସ୍ଥା ହୁଅନ୍ତା ତେବେ ଉତ୍ତର ବାଲେଶ୍ୱରର କୃଷି ଓ ଶିଳ୍ପର ଉନ୍ନତି ବିଶେଷ ହୋଇପାରନ୍ତା । ଏପର୍ଯ୍ୟନ୍ତ ଏମିତି କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ ଯାହା ଦୁଃଖ ଓ ପରିତାପର ବିଷୟ । ପ୍ରତିବର୍ଷ ବନ୍ୟାପରେ ସରକାର ମହୋଦୟ କିଛି ପଥର ଓ ବାଲି ବିଭିନ୍ନ ସ୍ଥାନକୁ ପଠେଇ କିଛି କିଛି ନଦୀ କୂଳରେ ସ୍ପର ବା ପେଚିଂ କରନ୍ତି । କିନ୍ତୁ ଏ ସବୁ ବନ୍ୟା ଆସିଲେ ଭାଙ୍ଗିଯାଏ ବା ଧୋଇଯାଏ । ବେଳେବେଳେ ଏହି ସ୍ପର ଏମିତି ଅବିଚାର ଢଙ୍ଗରେ ତିଆରି ହୋଇଥାଏ ଯେ ନଦୀର ଅନ୍ୟ କୂଳର ଗାଁ ଭାସିଯାଏ ଓ ପ୍ରଭୁତ କ୍ଷତିହୁଏ । ତେଣୁ ଯଦି ନଦୀର ମୁହାଣ ବା ତାର ଗତିପଥକୁ ପରିଷ୍କାରକରି ଉଭୟ ପାର୍ଶ୍ୱରେ ସୁଦୃଢ଼ ପଥର ପେଚିଂ କରାଯାଆନ୍ତା ତେବେ ବନ୍ୟାର ଭୟ ରହନ୍ତା ନାହିଁ । କେନାଲମାନଙ୍କୁ ପରିଷ୍କାର କରିବା ବା ଆବଶ୍ୟକୀୟ ନୂଆ କେନାଲ ଖୋଲିବା ସହ କେନାଲର ଉଭୟ ପାର୍ଶ୍ୱକୁ ଯଦି ପଥର ପେଚିଂ କରାଯାଆନ୍ତା ତେବେ ବନ୍ୟାଜଳ ନିଷ୍କାସନରେ ଏହା ସହାୟକ ହୁଅନ୍ତା । ବୈଜ୍ଞାନିକ ଚିନ୍ତାଚେତନାର ଅଭାବରୁ ଉତ୍ତର ବାଲେଶ୍ୱର ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟାରେ ଆତଙ୍କ ସୃଷ୍ଟି କରି ଚାଲିଛି । କିଛି ଚୁଡ଼ା, ଚାଉଳ, ବିସ୍କୁଟ ଦେଇ ସରକାର ଓ ଜନ ପ୍ରୀତିନିଧିମାନେ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି - ଏହା ବିଶେଷ କିଛି ଉପକାର ଲୋକଙ୍କର କରିପାରୁନି । ତେଣୁ ଏଥିପ୍ରତି ଯଦି ପ୍ରକୃତରେ ଧ୍ୟାନ ଦିଆଯାଆନ୍ତା ତେବେ ଉତ୍ତର ବାଲେଶ୍ୱରର ବନ୍ୟା ନିଶ୍ଚିତ ଭାବରେ ନିୟନ୍ତ୍ରିତ ହୋଇପାରନ୍ତା ।

ଯୋଗାଯୋଗ- ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ-୭୫୨୧୧୪,
ମୋ: ୮୨୪୯୨୧୬୦୬୭

## କବିତା କୋଣାର୍କ



### ଗାଆଁ ଧୂଳି ମାଟି !

**ଅଜିତ କୁମାର ରାଉତ**

ଗାଉଁଲି ଗାଉଁଲି କାହିଁ କି କହୁଛି ?
ମୋ ଗାଆଁ ବଡ଼ ସୁନ୍ଦର
କିଏ ହେବ କାହିଁ ଗାଆଁ ପରି ଆଉ ?
ଗାଁ ଧୂଳି ମାଟି ପ୍ରକାର !

ଗୃହର ନିମନ୍ତେ ସହର ଆସିଛି
ଗାଆଁ ଚିନ୍ତା ଅହରହ
ଆମ୍ବର ଉଦ୍ୟାନ ଡ଼ାକ ଦେଉଅଛି
କାହିଁକି ନ ଆସ କୁହ ?

କେତେ ଯେ ବସନ୍ତ ବ୍ୟତୀତ
ଗାଆଁରେ
ଆମ୍ବ ଉଦ୍ୟାନ ସୁନ୍ଦର
ଶିଶୁ ବନ୍ଧୁ ସଙ୍ଗ ଶିଶୁ କାଳ ଖେଳ
ନାଚି ଉଠୁଛି ଏଥର !

ନଦୀ ଖଡ ଖାଇ ଡ଼ାକ ଦେଉ ଅଛି
ନାଦ ଶୁଭୁଚି ତାହାରି
କୋଳେ ତା'ର କେତେ
ଡିଆଁ ମାରି ଅଛି
ଖୁସି ଦେଇ ଥାଏ ଭାରି !

ଶିଶୁ କାଳ ଖେଳ ସଙ୍ଗ ସାଥି ମେଳ
ସ୍ମୃତି ତା'ର ନିରନ୍ତର
ପାରିବିନି ଭୁଲି ପ୍ରାଣ ଥିବା ଯାଏ
କେତେ ଅବଦାନ ତା'ର !

ଗାଆଁ ଧୂଳି ମାଟି ଚନ୍ଦନ ସଦୃଶ
ଉଡିଯାଏ ସଞ୍ଜ ବେଳ
ଘର ଆସୁ ଥାନ୍ତି ଗୃହ ପଶୁ ପକ୍ଷୀ
ବାଛୁରୀଙ୍କ କୋଳାହଳ !

ରବି ବୁଡ଼ି ଯାନ୍ତି ପଶ୍ଚିମ ଦିଗରେ
ସିନ୍ଦୂର ମୟ ଆକାଶ
ରଜନୀ କ୍ରମଶଃ ମାଡ଼ି ଆସେ ପୁଣି
ଆଲୁଅ ହୁଏ ଅଦୃଶ୍ୟ !

ଆହା କି ସୁନ୍ଦର ଲୋହିତ ସେ ଛବି
ଆନନ୍ଦିତ ମନ ପ୍ରାଣ
ଗାଆଁ ପରିବେଶ ମନରେ ପଡ଼ିଲେ
ବିଚଳିତ ମୋର ମନ !

ବୀରତ୍ୱର ଭରା ଧୂଳି ମାଟି ତା'ର
ମଥାରେ କରି ଚନ୍ଦନ
ପୂର୍ବ ଶକ୍ତି ହୁଏ ସଞ୍ଚାରିତ ହୃଦେ
ବୀର ଖଣ୍ଡାୟତ ଦିନ !

+ସଭାପତି ଉତ୍କଳ ସମ୍ମିଳନୀ,
ଗ୍ରାମ-କଳାବାଡିଆ, ପୋ-ରାଜନଗର, ଜିଲ୍ଲା-ଷଢ଼େଇକଳା-ଖରସୁଆଁ, ଝାଡ଼ଖଣ୍ଡ ରାଜ୍ୟ
ମୋ: ୬୨୦୫୩୪୩୫୬୯

### ବଦଳି ଯାଇଥିବା ଆଦତ

**ସଦାଶିବ ବିଶ୍ୱାଳ**



କାଲି ପର୍ଯ୍ୟନ୍ତ ଆମେ ବି
ବର୍ଷାରେ ଛମ ଛମ ନାଚୁଥିଲୁ
ଆଜି ଏଇ ବର୍ଷାରେ
କୀଟାଣୁ ଦେଖିବା ଶିଖି ଗଲୁ

ମାଆ କ'ଣ କହିବ ?
କାଲି ପର୍ଯ୍ୟନ୍ତ ଆମେ ବେଫିକର
ଥିଲେ
ଆଜି ବର୍ଷାଠାରୁ
ମୋବାଇଲ ବଞ୍ଚାଇବା ଶିଖିଗଲେ

ମୂଷଳଧାର ବର୍ଷା ଯୋଗୁଁ ଛୁଟି ପାଇଁ
କାଲି ପର୍ଯ୍ୟନ୍ତ ଦୁଆ କରୁଥିଲେ
ଏବେ ଡରୁଛନ୍ତି,
ବର୍ଷା ହେବା ଯୋଗୁଁ
ଅସୁବିଧା, ଅଫିସ ବନ୍ଦ ହୋଇଗଲେ

କେହି ଏବେ ସତ କହିଲେ
ଏବେ ଆଉ ଆସେ ନାହିଁ
ଛୁଆବେଳ ବର୍ଷା
ଗାଁ ଦାଣ୍ଡରେ ରଣପାର ଜରୁରୀ ନାହିଁ

ଆମେ ନିଜେ ଏବେ,
କାଗଜ ଡ଼ଙ୍ଗା ତିଆରି ଭୁଲିଗଲେ
ବର୍ଷା ଏବେ ବି ବର୍ଷା ହୋଇରହିଛି
ଆମେ ଆମର ଯୁଗ/ଆଦତ
ଭୁଲିଗଲେ ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ କ୍ଳେଭ
ଖଣ୍ଡଗିରି, ଭୁବନେଶ୍ୱର



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୭୫



**ଡ. ସିନ୍ଧୁ ସେନ୍**

ଆପଣ ତେବେ ନିଜେ ବିଶ୍ରବାନନ୍ଦନ ରାବଣ ? ମୁଁ ତାଙ୍କୁ ହିଁ ଖୋଜୁଥିଲି ।

ମୋତେ କିନ୍ତୁ କାହିଁକି ? ମୁଁ ଆପଣଙ୍କ ପାଇଁ କ'ଣ କରିବି ।

ମୁଁ ତେବେ ଠିକ୍ ଜାଗାରେ ପହଞ୍ଚି ଯାଇଛି ନିଶ୍ଚୟ । ଦେଖନ୍ତୁ ମୋ ପ୍ରଭୁ ଶିବଲିଙ୍ଗ ପ୍ରତିଷ୍ଠା ପାଇଁ ବିଶ୍ରବାନନ୍ଦନ ରାବଣଙ୍କୁ ପୁରୋହିତ ଭାବେ ନିମନ୍ତ୍ରଣ ଜଣାଇଛନ୍ତି । ମୁଁ ଆମ ପ୍ରଭୁଙ୍କ ଦୂତ । ସେ ଚାହାଁନ୍ତି ଆପଣଙ୍କ ହାତରେ ହିଁ ପ୍ରତିଷ୍ଠା କାର୍ଯ୍ୟ ହେବ । ତେଣୁ ଦୟାକରି ମୋ ପ୍ରଭୁଙ୍କ ନିମନ୍ତ୍ରଣକୁ ରକ୍ଷା କରନ୍ତୁ ।

ହଁ ନିମନ୍ତ୍ରଣ କଥା ସିନା କହିଲେ, କିନ୍ତୁ କହିଲେ ନାହିଁ ତ ଆପଣଙ୍କର ପ୍ରଭୁ କିଏ ? ଆପଣ କିଏ ?

ହେ ବିଶ୍ରବା ନନ୍ଦନ ରାବଣ । ଦଶରଥ ତନୟ ଶ୍ରୀରାମଚନ୍ଦ୍ର ହେଉଛନ୍ତି ମୋର ପ୍ରଭୁ। ଆଉ ମୁଁ ବାଳୀପୁତ୍ର ଅଙ୍ଗଦ । ଏବେ ତ ପ୍ରଭୁଙ୍କର ନିମନ୍ତ୍ରଣ ଗ୍ରହଣ କରିବାରେ ଆପଣଙ୍କର କିଛି ଆପତ୍ତି ନାହିଁ।

ନା ନା ଆପତ୍ତି କରିବି କାହିଁକି ? ବ୍ରାହ୍ମଣ ଧର୍ମ ପାଳନ କରିବାରେ କୁଣ୍ଠା କରିବି କାହିଁକି ? ବରଂ ଶିବଲିଙ୍ଗ ପ୍ରତିଷ୍ଠା କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି ।

ମନେମନେ ଭାବୁଥିଲି ଜଣେ ଶିବଭକ୍ତ ପାଇଁ ଶିବପୂଜା କରିବା ମୋ ପାଇଁ ସ୍ୱୟଂ ଶିବଙ୍କ ନିର୍ଦ୍ଦେଶ । ତାଙ୍କ ପୂଜାକୁ ଅବମାନନା କରିବାର ଅର୍ଥ ମୋ ଇଷ୍ଟଦେବଙ୍କ ପ୍ରତି ଘୋର ଅପମାନ । ତାଛଡ଼ା ପ୍ରଭୁ ଯଦି ଚାହୁଁଛନ୍ତି ମୋରି ହାତରୁ ପୂଜା ନେବେ ତାହା ତ ମୋ ପାଇଁ ଆନନ୍ଦର କଥା ।

ମୁଁ ତେଣୁ ଶ୍ରୀରାମଙ୍କ ନିମନ୍ତ୍ରଣ ଗ୍ରହଣ କରି ସେ ପଠାଇଥିବା ଶ୍ରୀଫଳ ଗୁଆ ଦୂତଙ୍କ ଠାରୁ ଗ୍ରହଣ କଲି । ପରକ୍ଷଣରେ ଭାବିଲି, ଲଙ୍କା ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ଯେତେ କଡ଼ାକଡ଼ି କଲେ ମଧ୍ୟ ସେ ସବୁ ନିଷ୍ଫଳ ହୋଇଯାଇଛି । ଶତ୍ରୁ ଶିବିରର ଦୂତ ଆସି ମୋ ପାଖରେ ପହଞ୍ଚି ଯାଇଛନ୍ତି । ତାହାହିଁ ତ ପ୍ରମାଣ କରି ଦେଉଛି ଲଙ୍କାର ସୁରକ୍ଷା କେତେ ଢିଲା । ମୋର ଏତେ ତାଗିଦ ସତ୍ତ୍ୱେ ମଧ୍ୟ ଆମ ସୁରକ୍ଷା ଅଧିକାରୀ ମାନେ ନିଜ ଦାୟିତ୍ୱ ଠିକ୍ ରୂପେ ତୁଲାଇ ପାରିନାହାନ୍ତି । ମନେମନେ ବିରକ୍ତି ଜାଗୁଥିଲା ଆମ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ଉପରେ । ତେବେ, ସେ ସବୁ ଭାବି ଏବେ ଲାଭ କ'ଣ ? ଏ ଭୁଲ୍ ତ ମୋର ନିଜର । ଶାସକ ଭାବେ ନିଜ କର୍ତ୍ତବ୍ୟକୁ ଠିକ୍ ରୂପେ ନିର୍ବାହ କରିପାରିନି । ତେଣୁ ଅଯଥାରେ ଅନ୍ୟ ଉପରେ ଦୋଷ ଲଦି ଲାଭ କ'ଣ ? ନିଜ ମନକୁ ସଂଯତ କରିନେଲି । ଶତ୍ରୁ ଶିବିରର ଦୂତ ନିକଟରେ ମୋ ମୁହଁରେ ଏମିତି ଦୁର୍ବଳତା ଶୋଭା ପାଏନା । ତା ମୋ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଜାଗୁଥିଲା । ଏକପଟେ ଲଙ୍କା ଶାସକ, ଅନ୍ୟପଟେ ଶିବଭକ୍ତ ବିଶ୍ରବାନନ୍ଦନ ରାବଣ । ଏଇ କିଛିକ୍ଷଣ ପୂର୍ବରୁ ଦୂତ ନିକଟରେ ମୁଁ ନିଜକୁ ଶିବଭକ୍ତ ରାବଣର ପରିଚୟ ଦେଇସାରିଛି । ତେଣୁ ବ୍ରାହ୍ମଣ ଧର୍ମରକ୍ଷା କରିବା ମୋର ପ୍ରଥମ କର୍ତ୍ତବ୍ୟ । ମୋର ମନେରଖିବା ଉଚିତ ମୁଁ ପ୍ରଥମେ ବିଶ୍ରବା ନନ୍ଦନ ରାବଣ ତା ପରେ ଯାଇ ଲଙ୍କାର ରାଜା । ତେଣୁ ବ୍ରାହ୍ମଣ ଭାବେ ଶିବଲିଙ୍ଗ ପ୍ରତିଷ୍ଠାରେ ପୌରୋହିତ୍ୟ କରିବା ମୋର ପ୍ରଥମ କର୍ତ୍ତବ୍ୟ । ମୋ ଭିତରେ ଲଙ୍କାଧିଶର ଅହଂ ପରିବର୍ତ୍ତେ ବ୍ରାହ୍ମଣତ୍ୱ ଜାଗିଉଠିଲା । ମୋତେ ଯେମିତି ଲାଗିଲା ଏ ନିର୍ଦ୍ଦେଶ ମୋ ଇଷ୍ଟଦେବ ଶିବଶଙ୍କରଙ୍କର । ସେହି ମୁହୂର୍ତ୍ତରେ ମନରୁ ସମସ୍ତ ଗ୍ଲାନି ଦୂର କରି ଦୂତଙ୍କୁ ପୌରୋହିତ୍ୟ କରିବା ପାଇଁ ସ୍ୱୀକୃତି ଦେଇଦେଲି ଓ ତାଙ୍କ ଠାରୁ ନାରିକେଳ, ଗୁଆ ଗ୍ରହଣ କଲି । ସେଇ ମୁହୂର୍ତ୍ତରେ ମୁଁ ପାଲଟିଗଲି ଜଣେ ପୁରୋହିତ । ରାମ ଏବେ ମୋର ଶତ୍ରୁ ନୁହଁନ୍ତି । ଆମ ଦୁହିଁଙ୍କ ମଧ୍ୟରେ ସମ୍ପର୍କ କେବଳ ଯଜମାନ ଆଉ ପୁରୋହିତ, ଦେବଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ଯୋଡ଼ହସ୍ତରେ ପ୍ରଣାମ ଜଣାଇଲି । ପୌରୋହିତ୍ୟ କାର୍ଯ୍ୟରେ ଯେପରି କୌଣସି ବାଧାବିଘ୍ନ ନ ଘଟେ ସେଥିପାଇଁ ପ୍ରାର୍ଥନା କଲି ।

ମୋ ମନରୁ ଲଙ୍କାଧୀଶର ଅହଂ ସବୁ ଲୋପ ପାଇ ଯାଉଥିଲା । ମନେ ପଡ଼ି ଯାଉଥିଲା ଆଶ୍ରମ ଜୀବନରେ ବାପାଙ୍କ ପ୍ରତିଟି କଥା । ସଦାସର୍ବଦା ସେ କହୁଥିଲେ, ତୁମେ ବ୍ରାହ୍ମଣ ସନ୍ତାନ । ସହସ୍ର ବର୍ଷ ଧରି ଗଡ଼ି ଆସୁଥିବା ବ୍ରାହ୍ମଣ ପରମ୍ପରାର ଯୋଗ୍ୟ ଦାୟାଦ । ବ୍ରହ୍ମଜ୍ଞାନର ଅଧିକାରୀ ନହେଲେ କେହି କେବେ ବ୍ରାହ୍ମଣ ହୋଇପାରେନା। ତୁମକୁ ତେଣୁ ରାଷ୍ଟ୍ରର ହିତ ପାଇଁ ବ୍ରାହ୍ମଣ ପରମ୍ପରାକୁ ଆପଣେଇ ନେବାକୁ ପଡ଼ିବ । ମନେମନେ ପିତାଙ୍କ କଥାକୁ ସ୍ମରଣ କରି ମୋ ମନରେ ସାହସ ଜାଗି ଉଠିଲା । ମୋତେ ଲାଗୁଥିଲା ମୁଁ ଏକା ନୁହେଁ ମୋ ପଛରେ ରହିଛି ମୋ ବାପାଙ୍କର ଆଶୀର୍ବାଦ । ମୋ ମନରେ ଖେଳିଗଲା ବ୍ରାହ୍ମଣତ୍ୱର ଏକ ଦିବ୍ୟ ଅନୁଭୂତି । କ୍ଷଣିକରେ ମୋ କ୍ଷଣିକ ସତ୍ତା ଯେମିତି ଓଲଟ ପାଲଟ ହୋଇଗଲା । ସ୍ୱତଃ ମୋ ହୃଦୟରୁ ରାମଙ୍କ ପାଇଁ ଆଶୀର୍ବାଦର ଧାରା ବୋହିଗଲା।

ରାମଦୂତ ଅଙ୍ଗଦ ମୋ ଠାରୁ ଚାଲିଯାଇଥିଲେ। ଯିବା ପୂର୍ବରୁ ପ୍ରତିଷ୍ଠା ଦିନର ସମୟ, ଶୁଭବେଳା ବିଷୟରେ ମଧ୍ୟ ଅବଗତ କରାଇ ଦେଇଥିଲେ। ମୋତେ ତେଣୁ ଖୁବ୍ ଶୀଘ୍ର ନିଜକୁ ପ୍ରସ୍ତୁତ କରିନେବାକୁ ପଡ଼ିବ । କାଳବିଳମ୍ବ ନକରି ତହିଁ ପରଦିନ ନିଜକୁ ବ୍ରାହ୍ମଣ ବେଶରେ ସଜାଇ ଯଜ୍ଞୋପବୀତ ଧାରଣ କଲି। ହାତରେ କୁଶ, କମଣ୍ଡଳୁ ଧରି ଯଜ୍ଞ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିନେଇ ବାହାରି ପଡ଼ିଲି । କପାଳରେ ତିଳକ, ଦେହରେ ନାମାବଳୀ ପକାଇ ମୁଁ ମୋର ଗନ୍ତବ୍ୟ ସ୍ଥଳର ଯାତ୍ରା ଉଦ୍ଦେଶ୍ୟରେ ବାହାରି ପଡ଼ିଲି । ନିଜ ଚେହେରାକୁ ଦେଖି ମୁଁ ନିଜେ ମୁଗ୍ଧ ଓ ଚକିତ । ମୁଁ ଏବେ ଲଙ୍କାର ଅଧୀଶ୍ୱର ନୁହେଁ, ବିଶ୍ରବାନନ୍ଦନ ବ୍ରାହ୍ମଣ ନିଜ ରୂପରେ ନିଜେ ବିଭୋର ହୋଇ ଉଠୁଥିଲି। ଓଃ.... ବ୍ରାହ୍ମଣ ରୂପରେ କେତେ ଆନନ୍ଦ । ସବୁଦିନେ ଯଦି ଏମିତି ରୂପ ନେଇ ବଞ୍ଚି ପାରିଥାନ୍ତି, ତେବେ ମୋ ଭିତରୁ ରାବଣତ୍ୱଟା ଧ୍ୱଂସ ହୋଇଯାଆନ୍ତା।

ମୋର ପ୍ରିୟ ପୁଷ୍ପକଯାନ ଆଡ଼କୁ ଆଗେଇ ଗଲାବେଳେ ଲକ୍ଷ୍ୟକଲି ରାସ୍ତାରେ ଅସମ୍ଭବ ଗହଳି । ଲଙ୍କାବାସୀ ମାନେ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ମୋର ଏ ଭଳି ବ୍ରାହ୍ମଣ ବେଶକୁ । ତାଙ୍କର ବିଶ୍ୱାସ ମଧ୍ୟ ହେଉନି । ସେମାନଙ୍କ ପରାକ୍ରମୀ, ରାଜା ପୁଣି ଯୋଦ୍ଧା ବେଶରେ ନୁହେଁ, ବ୍ରାହ୍ମଣ ବେଶରେ ବୀରଦର୍ପରେ ଛିଡ଼ା ହୋଇଛନ୍ତି । ସର୍ବସମ୍ମୁଖରେ, ଏ କ'ଣ ବାସ୍ତବ ନା ପ୍ରହେଳିକା । ପୁଷ୍ପକଯାନ ଚାରିପଟେ ପ୍ରବଳ ଗହଳି । ଭିଡ଼ ଠେଲି ମୋତେ ଆଗେଇବାକୁ ପଡ଼ିଲା । ସମସ୍ତଙ୍କ ଠାରୁ ଯୋଡ଼ହସ୍ତରେ ବିଦାୟ ନେଇ ପୁଷ୍ପକଯାନରେ ବସିଲି । ମୁଁ ଏବେ ଆଉ ରାଜା ନୁହେଁ, କେବଳ ବ୍ରାହ୍ମଣ । ବ୍ରାହ୍ମଣ ସେ ତ ବ୍ରାହ୍ମଣ ଯିଏ କେବଳ ନିଜ ସୁଖ ନୁହେଁ, ସାରା ଜଗତର ସୁଖ କାମନା କରେ । ସାରାଜଗତର ଆନନ୍ଦ ହିଁ ମୋର ଆନନ୍ଦ । ମୋ ମନ ମଧ୍ୟ ଏକ ଦିବ୍ୟ ଆନନ୍ଦରେ ଭରି ଉଠିଥିଲା । ଏବେ ମୋର ଲକ୍ଷ୍ୟ କେବଳ ସମୁଦ୍ରର ଅପର ପାର୍ଶ୍ୱର ବେଳାଭୂମି । ବିସ୍ତୀର୍ଣ୍ଣ ସିକତା ଭୂଇଁ । ଯେଉଁଠି ସେତୁବନ୍ଧର ଉତ୍ପତ୍ତିସ୍ଥଳ । ସେହି ଉତ୍ପତ୍ତିସ୍ଥଳରେ ଶିବମନ୍ଦିର । ଓଃ... କି ଆନନ୍ଦ, ପୁଷ୍ପକ ଯାନରେ ମୁଁ ଉଡ୍ଡୁନଥିଲି ଯେ, ମୋ ମନପକ୍ଷୀ ଉଡ଼ି ଯାଉଥିଲା ସେଇ ସ୍ୱର୍ଣ୍ଣରେଣୁ ପରିପୂର୍ଣ୍ଣ ବେଳାଭୂମିକୁ । ଆକାଶମାର୍ଗରୁ ଦେଖୁଥିଲି ନୀଳସମୁଦ୍ରର ତରଙ୍ଗାୟିତ ଲହରୀମାଳା । ବରାଟ, ସୁଦୀର୍ଘ ସେତୁବନ୍ଧ । ନୀଳ ଲହରୀ ଉପରେ ପୁଣି ଭାସମାନ ସେତୁ । ବେଶ୍ ଦୀର୍ଘ, ସମୁଦ୍ରର ଏମୁଣ୍ଡରୁ ସେମୁଣ୍ଡକୁ ଲମ୍ବିଛି ସେ ସେତୁବନ୍ଧ । କଳ୍ପନା କରିପାରୁ ନଥିଲି, ସମୁଦ୍ରରେ ପୁଣି ବନ୍ଧା ଯାଇପାରେ ସେତୁ । ଏମିତି କେବେ ଦେଖିବି ବୋଲି ବିଶ୍ୱାସ କରିପାରୁ ନଥିଲି । କେମିତି ସମ୍ଭବ ହୋଇପାରିଲା ଏସବୁ । ଏ କ'ଣ ସତରେ ବାନରଯନ୍ତ୍ରୀ ନଳଙ୍କ କରାମତି ନା ସ୍ୱୟଂ ରାମଙ୍କ ଅଲୌକିକ ଚମତ୍କାରିତା । ଏତେଦିନ ଧରି ମୁଁ କେବଳ ମୟଦାନବଙ୍କ ଦକ୍ଷତା ବିଷୟରେ ଜାଣିଥିଲି । ହେଲେ ନଳ ଯେ ମୟଦାନବଙ୍କ ଠାରୁ ଆହୁରି ଅନେକ ଗୁଣ ଉର୍ଦ୍ଧ୍ୱରେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ) ୯୩୩୭୫୮୦୦୪୫





# ତ୍ରିପାଦମୋହିନୀ

**ଜ୍ୟୋତ୍ସ୍ନାମୟୀ ପଣ୍ଡା**

॥ ଭାଗ-୧୦୧ ॥



ଯେଉଁମାନେ ଅନାଦି ଅନନ୍ତ ସ୍ୱରୂପଙ୍କ ମୁଖରୁ ଜନ୍ମ ହୋଇଛନ୍ତି ବା ମୁଖରେ ବେଦମନ୍ତ୍ର ଉଚ୍ଚାରଣ କରୁଛନ୍ତି ଓ ମନ୍ତ୍ର ଧ୍ୱନିର ପ୍ରଭାବରେ ଯାଗଯଜ୍ଞ କରି ବିଶ୍ୱର ମଙ୍ଗଳ କାମନା କରୁଛନ୍ତି ସେମାନେ ବ୍ରହ୍ମଣ ନାମରେ ବିଦିତ ହୋଇଛନ୍ତି। ଏହି ବେଦ ସ୍ୱତଃ ବ୍ରହ୍ମାଙ୍କ ମଧ୍ୟରେ ଉଚ୍ଚରିତ ହୋଇଥିଲା। ଏପରିକି ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ପକ୍ଷୀର କଥା ମଧ୍ୟ ଶୁଣାଯାଏ। କେଉଁ ଅଦୃଶ୍ୟ ଇଚ୍ଛାରେ ଏହା ସମ୍ଭବ ହୁଏ, କେଉଁ ଅଦୃଶ୍ୟ ମାନବକୁ ଏହିପରି ଶକ୍ତି ପ୍ରଦାନ କରନ୍ତି, ଅନ୍ୟ ଜଗତର ଶବ୍ଦ ବା ଲୋକମାନେ କେଉଁଠାରୁ ଆସନ୍ତି, କିଏ ସାଧନାର ସିଦ୍ଧି ଦିଅନ୍ତି ତାହା ସେ ନିଜେ ମଧ୍ୟ ଜାଣି ନଥାଏ। ଏମାନେ ଏଲିୟନ ପରି ଅଦୃଶ୍ୟ ଶକ୍ତି ଥିଲେ।

ବ୍ରହ୍ମ ଜାନୟତି ଇତି ବ୍ରାହ୍ମଣ। ଯେଉଁ ବ୍ରାହ୍ମଣ ମାନେ ତପସ୍ୟା କରି ଋଷି ହୋଇଛନ୍ତି ସେମା ନେ ବ୍ରହ୍ମର୍ଷି । ବ୍ରାହ୍ମଣମାନେ ସତ୍ୟସିଦ୍ଧ, ବାକ୍ ସିଦ୍ଧ ହୋଇ ସମାଜକୁ ଦିଗ ଦର୍ଶନ ଦେଉଛନ୍ତି। ଯେଉଁମାନେ ଭଗବାନଙ୍କର ବାହୁମୂଳରୁ ଜନ୍ମ ହୋଇଛନ୍ତି ସେମାନେ କ୍ଷତ୍ରିୟ ଅର୍ଥାତ କ୍ଷିତି ବା ସାମ୍ରାଜ୍ୟର ଅଧିକାରୀ ଅଟନ୍ତି। ସେମାନେ ଯୁଦ୍ଧ, ବିଗ୍ରହ ଆଦି ଦ୍ୱାରା ଶତ୍ରୁ ମାନଙ୍କୁ ବଳରେ ପରାଜିତ କରି ଜନତାକୁ ସୁରକ୍ଷିତ କରି ରଖିଥାନ୍ତି। ଏଥିପାଇଁ ବିଭିନ୍ନ ଯୁଦ୍ଧ କୌଶଳରେ ସେମାନେ ପ୍ରଶିକ୍ଷଣ ଲାଭକରି ଥାନ୍ତି। ତୃତୀୟରେ ଯେଉଁମାନେ ବେପାର, ବାଣିଜ୍ୟ, କୃଷି, ଧାତୁ, କାଷ୍ଠାଦି ଓ ସ୍ୱର୍ଣ୍ଣ, ରୌପ୍ୟ, ରତ୍ନାଦିରେ ଉପକରଣ ଓ ଅଳଙ୍କାରମାନ କରି ଜୀବିକା ନିର୍ବାହ କରନ୍ତି ସେମାନେ ବୈଷୟିକବିଦ୍ୟା ରେ ଦକ୍ଷତା ଅର୍ଜନ କରୁଥିବାରୁ ସେମାନଙ୍କୁ ବୈଶ୍ୟ କୁହାଯାଉଛି। ବ୍ରାହ୍ମଣ ମାନେ ଦୟା, ଶାନ୍ତି, କ୍ଷମା, ସତ୍ୟ ଓ ନିର୍ଲୋଭ ଆଚରଣ କରୁଥିବାରୁ ଏବଂ ବେଦଧ୍ୟାୟୀ ଥିବାରୁ ଅନ୍ୟ ତିନି ଜାତି ସେମାନଙ୍କୁ ଦେବତାଙ୍କ ପରି ସମ୍ମାନ ଦେଖାଉଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ ଏକ ଜାତି ଥିଲେ। ଆର୍ଯ୍ୟ ମାନେ ଦ୍ରାବିଡ଼ ମାନଂକ ସହ ବୈବାହିକ ସମ୍ପର୍କ ରଖିଥିଲେ। କିନ୍ତୁ ଯେଉଁ ଜାତି ମାନେ କି ଆର୍ଯ୍ୟମାନଙ୍କ ଦ୍ୱାରା ଯୁଦ୍ଧରେ ପରାଜିତ ହେଉଥିଲେ ସେମାନେ ତିନି ଜାତିଙ୍କର ସେବକ ଥିଲେ। ଏହା ବ୍ୟତୀତ ଭଗବାନଙ୍କ ହୃଦୟରୁ ଜନ୍ମ ହୋଇଥିବା ଗୁହକ, ଶବର, ଯକ୍ଷ ବାନର, ଭଲ୍ଲୁକ ଆଦି ବିଭିନ୍ନ ଆକୃତିର ବଳବାନ ବନବାସୀ ମାନେ ଅରଣ୍ୟରେ ବସତି ସ୍ଥାପନ କରୁଥିଲେ। ଏମାନେ ପ୍ରାୟ ଆର୍ଯ୍ୟ ମାନଙ୍କର ବନ୍ଧୁ ଥିଲେ। ମହର୍ଷି କଶ୍ୟପଙ୍କ ସମୟକୁ ଦିନକୁ ଦିନଏହି ଜାତିଭେଦ ହିଁ ବୈବାହିକ ସମ୍ପର୍କର ଆଧାର ହେଲା ଶୂଦ୍ର ମାନେ ଅନ୍ୟ ମାନଙ୍କର ଦାସ ଥିଲେ। ପ୍ରାୟ ଯେଉଁ ମାନେ ଆର୍ଯ୍ୟ ସମାଜର ନିୟମ ଭଙ୍ଗ କରୁଥିଲେ, ସତ୍ୟ ରକ୍ଷା ପାଇଁ ବା ଯୁଦ୍ଧର ପଣ ବନ୍ଦୀ ଥିଲେ, (ଏମାନେ ରାଜା, ମହାରାଜା ମଧ୍ୟ ହୋଇ ପାରନ୍ତି।) ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅଭାବ ପାଇଁ ଆତ୍ମ ସମର୍ପଣ କରି ଆର୍ଯ୍ୟ ମାନଂକ ଅନୁଗ୍ରହିତ ଥିଲେ। କେତେକ ସନ୍ତରଣ ପଟୁ ଥିବାରୁ ଖାଦ୍ୟ ପାଇଁ ନୌକା ଓ ପୋତ ଗୁଡ଼ିକର ଦ୍ରବ୍ୟ ଲୁଣ୍ଠନ କରୁଥିଲେ। ଚୋରୀ, ଡକାୟତି କରୁଥିଲେ। କ୍ରୀତ ଦାସ ବା ଦାସ ରହୁଥିଲେ। ଅଭାବ, ଅନାଟନ ମଧ୍ୟରେ ଅନ୍ୟ ତିନି ଜାତିଙ୍କ ଅନୁଗ୍ରହ ଉପରେ ନିର୍ଭର କରି ଜୀବନ ଧାରଣ କରିଥିଲେ। ଆର୍ଯ୍ୟ ମାନଙ୍କର କୌଣସି ଧର୍ମ, କର୍ମରେ ସେମାନଙ୍କର ଅଧିକାର ନଥିଲା। ଏମାନେ ଚଣ୍ଡାଳ ନାପିତ, ରଜକ ଆଦି କାର୍ଯ୍ୟ କରୁଥିଲେ।ଏମାନେ ଅନଗ୍ରସର ଜାତି ଥିଲେ। କଶ୍ୟପ ପ୍ରଶ୍ନ ପଚାରୁଥିଲେ, 'ଏଭଳି ହେବା କଣ ଉଚିତ ଥିଲା ?'

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


# ଆଧ୍ୟାତ୍ମିକ ଶିକ୍ଷା ଅପରିହାର୍ଯ୍ୟ

**ପ୍ରତିଭା ଦାଶ**

ଶିକ୍ଷା ଗୋଟିଏ ଶିଶୁ ପାଇଁ ନିତାନ୍ତ ଜରୁରୀ । ଶିକ୍ଷା ବିନା ଜୀବନ ଅଧୁରା । ମଣିଷ ଯଦି ଭଲ ଶିକ୍ଷା ପାଇ ନାହିଁ ତାହେଲେ ସମାଜରେ ତାହାକୁ ସମ୍ମାନ ମିଳେନା । ଏଇଟା ନୁହେଁ ଯେ ଖାଲି ପଢ଼ି ଦେଲେ ଶିକ୍ଷା ହୋଇଯାଏ । ଶିକ୍ଷାର ପ୍ରକୃତ ଅର୍ଥ ହେଲା ଭଲ କଥା ଶିଖିବା, ଚରିତ୍ର ଗଠନ କରିବା ଏବଂ ଅନ୍ୟମାନଙ୍କୁ ଭଲ ବ୍ୟବହାର ଦେବା । ଏହା ଯେ ଶିଖି ନ ପାରିଛି ସେ ଯେତେ ପାଠ ପଢ଼ିଥିଲେ ମଧ୍ୟ ମୂଲ୍ୟହୀନ ଅଟେ । ଆଉ ଏହା ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ସମ୍ଭବପର ।

ପୂର୍ବରୁ ଯେଉଁ ପାଠପଢ଼ା ହେଉଥିଲା ସେତେବେଳେ କୌଣସି ବିଦ୍ୟାଳୟ ନ ଥିଲା କି ସ୍ମାର୍ଟ୍ ବୋର୍ଡ଼ ନ ଥିଲା । ଜଙ୍ଗଲରେ ଋଷି ଆଶ୍ରମରେ ଶିଷ୍ୟମାନେ ରହି ଶିକ୍ଷାଦାନ ଗ୍ରହଣ କରୁଥିଲେ । ବହି କି କଲମର ବ୍ୟବହାର ନ ଥିଲା । କି ଆଜି ଭଳି ଇତିହାସ, ଭୂଗୋଳ, ବିଜ୍ଞାନ. ଇଂରାଜୀ, ଗଣିତ ଆଦି ପୁସ୍ତକ ପଢୁ ନ ଥିଲେ । ଋଷିଗଣ ଶିଷ୍ୟମାନଙ୍କୁ ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଗାନ କରି ଶୁଣାଉଥିଲେ । ଋଷି ଯାହା କହୁଥିଲେ ତାହା ମନ ଦେଇ ଶୁଣୁଥିଲେ ଏବଂ ମନେରଖି ତାହାକୁ ଗାନ ମଧ୍ୟ କରୁଥିଲେ । ଏହାଦ୍ୱାରା ସେମାନେ ପୌରାଣିକ କଥା ଜାଣିବା ସହ ଶିକ୍ଷଣୀୟ କଥା ଶିଖୁଥିଲେ । ତାଙ୍କର ପାଠପଢ଼ା ସେତିକିରେ ସୀମିତ ନ ଥିଲା । ଗୋରୁ ଚରାଇବା, କାଠ ସଂଗ୍ରହ , ରୋଷେଇ କରିବା, ଫଳମୂଳ ସଂଗ୍ରହ ଏବଂ ଗୁରୁଙ୍କର ସେବା ମଧ୍ୟ ତାଙ୍କ ପାଠପଢ଼ାର ଅଂଶ ଥିଲା । ଶିକ୍ଷାଦାନ ପରେ ଗୁରୁ ତାଙ୍କର ପରୀକ୍ଷା କରୁଥିଲେ । ତାହା ତାଙ୍କର ଗୁରୁ ଦକ୍ଷିଣା ଥିଲା। ସେହି ସମୟର ଶିକ୍ଷାରେ ଆଧ୍ୟାତ୍ମିକ ଚିନ୍ତାଧାରା ଭରପୂର ପରିମାଣରେ ଭରିଥିଲା । ଶିଷ୍ୟମାନେ ବିଶ୍ୱାସୀ, ନିସ୍ୱାର୍ଥପର ଭାବନା , ନିର୍ଲୋଭ ,ସାହାଯ୍ୟ ମନୋବୃତ୍ତି ହୃଦୟରେ କାର୍ଯ୍ୟ କରୁଥିଲେ । ବୟୋଜ୍ୟେଷ୍ଠ ତଥା ଗୁରୁଙ୍କୁ ସମ୍ମାନ ଦେଉଥିଲେ । ଭଗବାନଙ୍କ ଉପରେ ଆସ୍ଥା ରଖୁଥିଲେ ।ଭଲ ମନ୍ଦ ବିଚାର କରିବାର କ୍ଷମତା ରହୁଥିଲା ।

କିନ୍ତୁ ଆଜିକାର ଶିକ୍ଷାୟତନରେ କୋଠାଘର, ମୋବାଇଲ, ସ୍ମାର୍ଟବୋର୍ଡ଼ , ଋଷି ବଦଳରେ ତାଲିମ୍ ପ୍ରାପ୍ତ ଶିକ୍ଷକ ସ୍ଥାନ ପାଇଛନ୍ତି । ଇଣ୍ଟରନେଟ ନ ହେଲେ ପାଠ ପଢ଼ା ହଉନି । ଚିତ୍ର ନ ଦେଖିଲେ କୁଆଡ଼େ ଶିଷ୍ୟର ମନେ ରହିବ ନାହିଁ କି ସେ ବୁଝିପାରିବ ନାହିଁ । ସତ କଥା ବିଜ୍ଞାନ ଯେତେ ଅଗ୍ରଗତି କଲାଣି ତା' ସହିତ ତାଲ ଦେଇ ନ ଚାଲିଲେ ଆମେ ପଛରେ ପଡ଼ିଯିବା । ନିଜ ଘରେ ବସି ଦୂରଦୂରାନ୍ତରର ଖବର ଜାଣି ପାରୁଛି ଏବଂ ଦେଖି ମଧ୍ୟ ପାରୁଛି । କିନ୍ତୁ ଆଜିର ପୁସ୍ତକରେ ପୌରାଣିକ ଆଧାରିତ ପାଠ କିମ୍ବା କବିତା ଦେଖିବାକୁ ମିଳିଲେ ମଧ୍ୟ ବର୍ତ୍ତମାନର ଦୁନିଆ ପାଇଁ ତାହା କମ୍ ହେଇଯାଉଛି। ଆଜିର ଶିଶୁ ଯେମିତି ହିସାବରେ ବ୍ୟବହାର କରୁଛନ୍ତି ତାଙ୍କୁ ଶିକ୍ଷାରେ ଆଧ୍ୟାତ୍ମିକ ଶିକ୍ଷା ନିତାନ୍ତ ଜରୁରୀ । ଆମେ ଯଦି ଶିକ୍ଷାରେ ସ୍ଥାନ ଦେବା ନାହିଁ ତେବେ ସେମାନେ ଜାଣିବେ ବା କେମିତି ? ତାଙ୍କ ମନରେ ଭଗବାନଙ୍କ ଉପରେ ଭରସା ଆସିବ ବା କେମିତି ? ସେଥିପାଇଁ ଆଜିର ଶିଶୁ ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ର ବିଷୟରେ ଅଜ୍ଞ ଅଟନ୍ତି । ଭାତୃପ୍ରେମ, ପିତୃସ୍ନେହ ଉପରେ ତାଙ୍କର କିଛି ଜ୍ଞାନ ନାହିଁ । ଶ୍ରୀରାମଙ୍କ ପିତା କିଏ ଥିଲେ ? ପ୍ରଶ୍ନ କଲେ ଆଜିକାଲିର ଶିଶୁ ଉତ୍ତର ଦେଇ ପାରୁନାହିଁ। ଆଗରୁ ଟିଭିରେ ମଧ୍ୟ ସପ୍ତାହ ସାରା ଦିନ ଦେଖିକି ଅର୍ଥାତ୍ ଯେଉଁ ଦିନ ଯେଉଁ ଭଗବାନ ପୂଜା ପାଆନ୍ତି ସେହି ଭଗବାନଙ୍କ ଆଧାରିତ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା । କିନ୍ତୁ ଆଜି କାଁ ଭାଁ ପ୍ରସାରିତ ହୁଏ ।

ଆଜିର ଦୁନିଆରେ ସବୁଠୁ ବଡ଼ ଶତ୍ରୁ ମୋବାଇଲ୍ । କରୋନା ହେବା ପରଠୁ ଏହାର ବ୍ୟବହାର ବଢିଯାଇଛି । ଛୁଆମାନେ ପଢ଼ିବା ପରିବର୍ତ୍ତେ ଯାବତୀୟ ଜିନିଷରେ ଏହା ବ୍ୟବହାର କରୁଛନ୍ତି । ଏହାଦ୍ୱାରା ଛୁଆମାନେ ଚିଡ଼ଚିଡ଼ା ହୋଇ ଯାଉଛନ୍ତି । କାହାକୁ ମାନୁ ନାହାନ୍ତି । ସର୍ବଦା ମୋବାଇଲରେ ଗେମ୍ ଖେଳୁଛନ୍ତି । ପଢ଼ିବା ନାଁରେ ସର୍ବଦା ମୋବାଇଲରେ ରିଲସ୍ ଦେଖୁଛନ୍ତି । ଏମିତିରେ ଶିକ୍ଷା ବ୍ୟବସ୍ଥା କ'ଣ ସ୍ୱଚ୍ଛଳ ହେବ ? ପ୍ରକୃତରେ ପୌରାଣିକ କୌଣସି ବିଷୟ ବସ୍ତୁ ହେଉନା କାହିଁକି ସବୁଥିରେ କିଛି ଶିକ୍ଷଣୀୟ ଜିନିଷ ରହିଥାଏ । ଆମେ ଯଦି ଶିଶୁକୁ ଛୋଟ ସମୟରୁ ତାହାକୁ ସେହି ଶିକ୍ଷା ଦେବା ନିଶ୍ଚିତ ହିସାବରେ ତାହାର ପ୍ରଭାବ ଶିଶୁର ମାନସିକ ବିକାଶରେ ସାହାଯ୍ୟ କରିବ । ଆଜିର ସମାଜ ପାଇଁ ପାଠ୍ୟ ପୁସ୍ତକରେ ଆଧ୍ୟାତ୍ମିକ ଚେତନାଗତ କାବ୍ୟ କବିତା ରହିବା ଅନିବାର୍ଯ୍ୟ ଅଟେ ।


+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଢୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: - ୭୮୯୪୫୨୮୪୯୩


## ଜ୍ଞାନ

**ହରପ୍ରିୟା ସାହୁ**

ମାଟିର ମଣିଷ ମାଟିରେ ମିଶିବୁ
ଗରବ କରୁଛୁ କିଆଁ
କ୍ଷଣିକ ଜୀବନ କୁଇରେ ଜଳିବ
ହୋଇବୁ ପାଉଁଶ ନିଆଁ।

ମୋର ମୋର କହି ଅମର ହୋଇବୁ
ଭାବୁଛୁ ଏହାକି ତୁହି
ମିଛ ମାୟା ଭରା ଏସାରା ସଂସାରେ
ଅମର ହୋଇନି କେହି।

ସ- କର୍ମେ ତୁହି ହୃଦୟେ ରହିବୁ
ସବୁରି ଆଶିଷ ପାଇ
ବଢୁଥିବୁ ଯଦି ଆଗକୁ ଆଗକୁ
ଦାନଦକ୍ଷିଣା ତୁ ଦେଇ।

ଧନ ସମ୍ପତ୍ତି ଯେ କ୍ଷଣସ୍ଥାୟୀ ପରା
ଆଜି ଅଛି କାଲି ନାହିଁ
ଦୁନିଆ ହାଟରେ ଯେତିକି ନାଟକ
ସବୁତ ତାହାରି ପାଇଁ

ପାରୁଅଛୁ ଯଦି ଅରଜି ପକାତୁ
ଅମାପ ଜ୍ଞାନକୁ ତୁହି
ଭାଙ୍ଗିବନାହିଁ କି ହଜିବ ନାହିଁ ସେ
ମଲାଯାଏଁ ଥିବ ସେହି

ଜ୍ଞାନ ବଳେ ତୁହି ବଳିଆର ହୋଇ
ପାଇବୁ ମାନସମ୍ମାନ
ସାହିରେ ଭାଇରେ ସଭାସମିତିରେ
ବଢିବ ଆପଣା ସମ୍ମାନ।

## ନାରୀ

**ଦୀପିକା ହୋତା**

ଦଶ ମାସ ଗର୍ଭ କଷ୍ଟ ଭୋଗି
ମାତୃତ୍ୱର ପରିଚୟ ପାଉଥିବା ଜନନୀ
ଆପଣାର ଦୁଃଖ ଭୁଲି ଅନ୍ୟକୁ ଖୁସି ବାଣ୍ଟୁଥିବା
ସେଇ ହୃଦୟବାନ ଦୁଃଖିନି ନାରୀ ।

କେବେ ଭଗିନୀ ରୂପରେ ଭାତୃତ୍ୱର ସ୍ନେହ
ପରିବାର ବୋଝକୁ ଆପଣାର କରିଥିବା
ମମତାର ସୁରରେ ମନ ଜିଣି ନେଉଥିବା
ସେଇ ପିତା ମାତାଙ୍କ ଅଲିଅଳି ନାରୀ ।

ବୋହୂ ରୂପେ ଅନ୍ୟକୁ ନିଜର କରି
ସେବା ଯତନରେ ମନ ମୋହି ନେଉଥିବା
ସ୍ୱାମୀ ଚରଣେ ସଦା ସମର୍ପିତା
ସେଇ ଗୃହିଣୀ ସର୍ବସହଣୀ ନାରୀ ।

କେବେ କେବେ ଦୁର୍ଗାରୂପେ
ମହିଷାମର୍ଦ୍ଦିନୀ ହୋଇ ପୃଥିବୀକୁ ରକ୍ଷାକରେ
କେବେ କେବେ ସତୀ ସୀତା ସାଜି
ନିଆଁରେ ସତୀତ୍ୱର ପରୀକ୍ଷା
ଦେଉଥିବା ନାରୀ।

ସମାଜର ଘୃଣ୍ୟ ଅପବାଦକୁ ଦିଏ ମଥାପାତି
ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯାଏ
ପରିବାର କଷ୍ଟ ଲାଘବ ପାଇଁ ଯନ୍ତ୍ରଣା ସହେ
ସେଇ ସହନଶୀଳ ନାରୀ ।


ନାରୀ ସଶକ୍ତିକରଣ ସଂଯୋଜିକା
ହରିଶ୍ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟ
ଜିଲ୍ଲା -ନୂଆପଡା


## ନିଃସର୍ତ୍ତ ଆପଣାପଣ

**ଅନସୂୟା ପଣ୍ଡା**



କାହିଁ କେତେ ଯୁଗ କଟିଗଲାଣି
ମୋ ଆସିବାର ପରଗୋତ୍ରୀ ହୋଇ
ତଥାପି ତୁଟିନି ମୋହ ମାୟା
ସମ୍ପର୍କର ସହମର୍ମିତା ଆସ୍ପୃହା।

ଆପଣା ବାସନାରେ ମହକିତ
ସେ ବାଲି ମୁଠାକର
ଯେଉଁଠି ଶିଳ୍ପୀଟିଏ ତିଆରିଥିଲା
କେଡେ ଯତ୍ନରେ ମୋ ଷଠିଘର
ପ୍ରଥମ କଅଁଳ ସ୍ପର୍ଶ ଅନ୍ତରଙ୍ଗ ମାଟିର।

ସେଠି ଏବେ ବି ଅଟକିଛି
ନହୁଲି ମନ ମୋର
ପ୍ରତ୍ୟକ୍ଷଦର୍ଶୀ କେବଳ ଯାହା ଆତ୍ମା ମୋର।

ଏବେବି ସେ ବାଲି ଲାଗେ ଚନ୍ଦନ ପରି
ନିଜସ୍ୱ ଗୁଣବତ୍ତାରେ ବାସ୍ନାୟିତ ବିଭୋର
ବାହୁକୁ ପ୍ରସାରି ଥାଏ କୋଳେଇ ଧରିବ
ବୋଲି
ସେ ମୋ ଗାଁର ମାଟି।

ସନ୍ଧ୍ୟାରେ ନଈ ପବନ ପ୍ରସରି ଆସେ
ସୁନାରି ଫୁଲ ବାଲିରେ ଚାଦର ପାରେ
ଅରାଏ ଅରାଏ କୃଷ୍ଣଚୂଡ଼ା ରଙ୍ଗୋଲି ଆଙ୍କେ
ପ୍ରୀତିର ଗାନ୍ଧାର ରାଗ ତୋଳି।

ଦିନ ଗହଳ ଲାଗେ
କୃଷକର ରାମ କେରିରେ
ବସନ୍ତ ରାଣ ଦିଏ ହାତ ଧରି
ମତେ ଦେଖି ଅଟକିଯାଏ କେଇଟା ମୁହୂର୍ତ୍ତ
ମାଟିରେ ଭରି ବିମୁଗ୍ଧ ଅତୀତର ମହକ।

ସାରା ତୀର୍ଥ ପ୍ରବଜ୍ୟା ଫିକା ଲାଗେ
ପାଦଦେଲେ ମୋ ଗାଁ ଦାଣ୍ଡରେ
ଅଜବ ସନ୍ତୋଷ ମିଳେ
ତା' ରଜଦୋଳି ମକର ମେଳାରେ
ତା' ଆକାଶ ସ୍ୱତନ୍ତ୍ର ଲାଗେ ପୁନେଇ ଜହ୍ନରେ।

ତାରାଙ୍କର ରୋଷଣୀରେ ମନ୍ଦିର ଆଳତିରେ
ବାସିଉଠେ ମଲ୍ଲୀ ହେନା ନିଜସ୍ୱ ଢଙ୍ଗରେ
ପ୍ରତୀତ ହୁଏ ଗାଁ ମହିମା ଗାଦିଟିଏ ପରି
ଯେଉଁଠି ନିଃସର୍ତ୍ତ ଆପଣାପଣ ଅନେଇଥାଏ
ଦାଣ୍ଡ ପିଣ୍ଡାରେ ଚୁଲିରେ ଭାତ ଥୋଇ।


+ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା

ସମ୍ବଲପୁର, ୩୦/୦୭ (ନି.ପ୍ର): ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୫ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୧୧ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି । ଟ୍ରଷ୍ଟ ସମ୍ସ୍ଥାପିକା ଡା.ପାଣିଗ୍ରାହୀଙ୍କ ଉପସ୍ଥିତି ଏବଂ ସଭାପତି ପ୍ର. ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରୀ ଦିଆଯାଇଛି । ଉପରୋକ୍ତ ହିତାଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଚଳିତ ଶିକ୍ଷା ବର୍ଷରେ ମାସିକ ସହାୟତା ଦିଆଯିବାକୁ ମଧ୍ୟ ନିଷ୍ପତି ହୋଇଛି । ବୈଠକରେ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ ଆର୍ଥିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଆଲୋଚନାରେ ସମ୍ପାଦକ ସୁଧୀର ପୂଜାରୀ, ସଭ୍ୟବୃନ୍ଦ ଡ.ନିରୂପମା ବଡ଼ପଣ୍ଡା, ଡା.ପ୍ରମୋଦ ପୁରୋହିତ, ଦେବାଶିଷ ନନ୍ଦ, ବିପିନ ପଣ୍ଡା, ଅମିତ ସ୍ୱାଇଁ ଓ ଶିବ ନନ୍ଦ ଭାଗ ନେଇଥିଲେ ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା କୃତୀ ଛାତ୍ରୀ କୁମାରୀ ବିଭୂତି ମୁଣ୍ଡାଗୁଡିଆ ସମ୍ବର୍ଦ୍ଧିତ

ମାଲକାନଗିରି, ୩୦/୦୭ (ନି.ପ୍ର): ମଧ୍ୟପ୍ରଦେଶର ସୁଜଲପୁର ଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ କନିଷ୍ଠ ବର୍ଗ ସ୍କୁଲ୍ ହ୍ୟାଣ୍ଡ୍ ବଲ୍ ଚମ୍ପିୟାନସିପ୍ ରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଓ ଜାତୀୟ ସ୍ତରୀୟ ମ୍ୟାଗାଜିନରେ ସ୍ଥାନ ପାଇଥିବା ମାଲକାନଗିରି ଜିଲ୍ଲାର ସିନ୍ଧ୍ରିମାଳ ସ୍ଥିତ, କସ୍ତୁରବା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ କୁମାରୀ ବିଭୂତି ମୁଣ୍ଡାଗୁଡିଆଙ୍କୁ ଆଜି ସେହି ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଚିତ ରଞ୍ଜନ ପାଣିଗ୍ରାହୀ ଫୁଲତୋଡା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜଳ ଭବିଷ୍ୟତର କାମନା କରିଛନ୍ତି । କୁମାରୀ ବିଭୂତି ମୁଣ୍ଡାଗୁଡିଆ ଏକ ନିମ୍ନ ମଧ୍ୟବିତ ଆଦିବାସୀ ପରିବାରରୁ ଆସି କ୍ରୀଡାପ୍ରତି ଆଗ୍ରହ ରଖି ହକି ଓ ହ୍ୟାଣ୍ଡ୍ ବଲ୍ ରେ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରି ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ଅର୍ଜନ କରିଛନ୍ତି । କୁମାରୀ ମୁଣ୍ଡାଗୁଡିଆ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡାସ୍ଥିତ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ତତ୍ୱାବଧାନରେ ମଧ୍ୟପ୍ରଦେଶର ସୁଜଲପୁର କୁ ଯାଇଥିବା ବେଳେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସନାତନ ପ୍ରଧାନଙ୍କ ଠାରୁ ତାଲିମ ନେଇ ଅଭ୍ୟାସ କରୁଥିଲେ । ତେଣୁ ଶ୍ରୀ ପ୍ରଧାନଙ୍କୁ ମଧ୍ୟ ଆଜି ଜିଲ୍ଲା ଶିକ୍ଷାଧିକାରୀ ସମ୍ମାନିତ କରିଥିଲେ । ଏହି ଅବସରରେ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ଆଦିବାସୀ ଶିକ୍ଷା ତଥା ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବାସନ୍ତୀ ପାଟଲା, ଶିକ୍ଷକ, ଶିକ୍ଷୟିତ୍ରୀ,ୱାର୍ଡେନ୍, ସମସ୍ତ କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶିବ ମାଡକାମୀ ଉପସ୍ଥିତ ଥିଲେ ।

# ଆଇ.ଏନ୍.ଟି.ୟୁ.ସି ଯୁବ ସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

କେନ୍ଦ୍ରାପଡ଼ା, ୩୦/୦୭ (ନି.ପ୍ର): ଓଡ଼ିଶା ରାଜ୍ୟ ମଜଦୁର କଂଗ୍ରେସ ଯୁବ ଶାଖାର ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ଚୌଧୁରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଯୁବଶାଖା ଆଇ.ଏନ୍. ଟି.ୟୁ.ସି.ର ସଭାପତି ରୂପେ ମନୋନୀତ କରିଛନ୍ତି । ଆଇ.ଏନ୍.ଟି.ୟୁ.ସି.ର ଉପସଭାପତି ମଦନ ମୋହନ ଧଳ, ସାଧାରଣ ସଂପାଦକ କିଶୋର ଚନ୍ଦ୍ର ଜେନା, ଜାତୀୟ ସଂଗଠକ ସତ୍ୟବ୍ରତ ନାୟକ ପ୍ରଭୃତି ଶ୍ରମିକ ନେତାମାନଙ୍କ ସୁପାରିଶ ଓ ଆଇ.ଏନ୍.ଟି.ୟୁ.ସି. ଜାତୀୟ ଉପାଧ୍ୟକ୍ଷ ତଥା ଓଡ଼ିଶା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆଙ୍କ ଅନୁମୋଦନ କ୍ରମେ ଶ୍ରୀ ଚୌଧୁରୀ ମନୋନୀତ ହୋଇ ଥିବାରୁ ଶ୍ରୀ ଚୌଧୁରୀ ସମସ୍ତଙ୍କ ପ୍ରତି କୃତଜ୍ଞତା ଅର୍ପଣ କରିବା ସହିତ ନିଷ୍ଠାପର ଭାବରେ ଆଇ.ଏନ୍. ଟି.ୟୁ.ସି.ର ସଂଗଠନକୁ ସୁଦୃଢ଼ କରାଇ ଜିଲ୍ଲାର କୃଷକ ଓ ଶ୍ରମିକମାନଙ୍କ ସ୍ୱାର୍ଥ ସାଧନ ପାଇଁ ଅନବରତ ସଂଗ୍ରାମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ଚୌଧୁରୀ ସଭାପତି ଭାବେ ନିଯୁକ୍ତି ପାଇଥିବାରୁ ରାଜ୍ୟଯୁବ କଂଗ୍ରେସ ନେତା ତଥା ବିଧାୟକ ସାଗର ଦାସ ଅଭିନନ୍ଦନ ଜଣାଇଛନ୍ତି ।

## ଛାତିରେ ବଲ ବାଜି ଯୁବ କ୍ରିକେଟର ମୃତ

ସମ୍ବଲପୁର, ୩୦/୦୭ (ନି.ପ୍ର): କ୍ରିକେଟ ଖେଳିବା ବେଳେ ଅଘଟଣ । ଛାତିରେ ବଲ ବାଜି ଚାଲିଗଲା ଛାତ୍ରଙ୍କ ଜୀବନ । ମୃତ ଛାତ୍ର ଜଣଙ୍କ ୧୮ ବର୍ଷିୟ ଉତ୍କର୍ଷ ସିଂ ଚୌହାନ ବୋଲି ଜଣାପଡିଛି । ସମ୍ବଲପୁର ରେଲୱେ କ୍ରିକେଟ ଷ୍ଟାଡ଼ିୟମରେ ଏହି ଅଘଟଣ ଘଟିଛି । ରେଲୱେ କ୍ରିକେଟ ଷ୍ଟାଡ଼ିୟମରେ ସାଙ୍ଗମାନଙ୍କ ଗହଣରେ ଉତ୍କର୍ଷ କ୍ରିକେଟ ଖେଳୁଥିବା ସମୟରେ ଏକ ଫୁଲଟସ ବଲ ସିଧାସଳଖ ଆସି ତାଙ୍କ ଛାତିରେ ବାଜିଥିଲା । ଘଟଣା ସ୍ଥଳରେ ଉତ୍କର୍ଷ ଗଳି ପଡ଼ିବାରୁ ତୁରନ୍ତ ତାଙ୍କୁ ଭୀମସାରକୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ସୂଚନା ମୁତାବକ ଉତ୍କର୍ଷଙ୍କ ଘର ଶାସନ ଥାନାଂଚଳ ମାଝିପାଲିରେ । ପ୍ରତିଦିନ ସେ ଏଠାକୁ ଆସି କ୍ରିକେଟ ଅଭ୍ୟାସ କରିଥାନ୍ତି ।

# ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ନେଇ ମୁଣ୍ଡ ଟେକିଲା ଆନ୍ଦୋଳନ: ସମାଧାନ ନହେଲେ ଆତ୍ମହୁତି ଚେତାବନୀ ଦେଲେ ଛାତ୍ରଛାତ୍ରୀ

ଜୟପୁର, ୩୦/୦୭ (ନି.ପ୍ର): ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ପ୍ରତିଷ୍ଠାନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏନେଇ ମଙ୍ଗବାର ଅନୁଷ୍ଠାନରେ ଘଟଣାର ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି, ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଜଣକ ମାନସିକ ନିର୍ଯାତନା ଦେବା ସହ ମାର୍କ କାଟିବା, ଭବିଷ୍ୟତ ନଷ୍ଟ କରିଦେବାର ଧମକ ଦେଉଥିବା କହିଛନ୍ତି ଛାତ୍ରଛାତ୍ରୀ । ପ୍ରଥମେ ଅଧ୍ୟକ୍ଷଙ୍କୁ ଅବଗତ କରିବା ପରେ ଛାତ୍ରଛାତ୍ରୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ସହ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି ।

ପ୍ରତିଷ୍ଠାନର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷଣ ଶିକ୍ଷାଦାନ ଓ ପାଠ୍ୟ ଯୋଜନା ପରିଚାଳନା ବିଷୟର ପଢ଼ାଉଥିବା ଶିକ୍ଷକ ପ୍ରଶିକ୍ଷିକା ସ୍ୱାତୀ ସୁଚିସ୍ମିତା ପାତ୍ର ମାନସିକ ନିର୍ଯାତନା ଦେଉଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି । ଶିକ୍ଷକ ପ୍ରଶିକ୍ଷିକା ଜଣକ ବାରମ୍ବାର କଠୋର ଓ ଅସମ୍ମାନଜନକ ଭାଷାରେ ଛାତ୍ରଛାତ୍ରୀଙ୍କ ସହ କଥା ହେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ସେହିପରି ସର୍ବସାଧାରଣରେ ଅନ୍ୟ ଶିକ୍ଷକ, ଅଭିଭାବକଙ୍କ ସମ୍ମୁଖରେ ଛାତ୍ରଛାତ୍ରୀଙ୍କୁ ଅପମାନିତ କରୁଥିବା, ଶୈକ୍ଷିକ କାର୍ଯ୍ୟକଳାପ, ଅଭ୍ୟନ୍ତରୀଣ ମୂଲ୍ୟାଙ୍କନରେ ପକ୍ଷପାତିତା କରିବା, ପରୀକ୍ଷା ଫର୍ମ ଫିଲପ୍ କରାଇଦେବିନି ବୋଲି ଧମକ ଦେବା, ଅଫିସିଆଲ ୱାଟସଆପ୍ ଗ୍ରୁପ୍‌ରେ ନକରି ନିଜେ ତିଆରି କରିଥିବା ଅନ୍‌ଅଫିସିଆଲ ୱାଟସଆପ ଗ୍ରୁପ କରି ଛାତ୍ରଛାତ୍ରୀଙ୍କୁ ଅଧରାତିରେ ମେସେଜ କରିବା, କ୍ଲାସ ସମୟରେ ବ୍ୟକ୍ତିଗତ କାମ କରିବାକୁ ବାଧ କରୁଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଏଥିସହ ଗରିବ ଛାତ୍ରଙ୍କୁ ସମ୍ବଳ ନାହିଁ ତ କାହିଁ ଅନୁଷ୍ଠାନରେ ନାଁ ଲେଖାଇଲ ଭଳି ଆକ୍ଷେପ କରିଥିବା ଛାତ୍ର ଅଭିଯୋଗ କରିଛନ୍ତି । ସମସ୍ୟାର ସମାଧାନ ନକରାଗଲେ ପ୍ରଥମେ ଆମେ ମାନବଧିକାର କମିଶନ ପାଖକୁ ଯିବୁ, ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇବୁ, ଜିଲ୍ଲାପାଳ, ଶିକ୍ଷା ମନ୍ତ୍ରୀଙ୍କୁ ଜଣାଇବୁ ସମସ୍ୟାର ସମାଧାନ ନହେଲେ ଆତ୍ମହୁତି ଦେବୁ ବୋଲି ଧମକ ଦେଇଛନ୍ତି । ସମସ୍ୟାର ସମାଧାନ ପାଇଁ ଅଧ୍ୟକ୍ଷ ଶ୍ରୀ ସୋରେନ ସମ୍ପୃକ୍ତ ପ୍ରଶିକ୍ଷକାଙ୍କୁ ଡକାଇବାରୁ ଆସି କହିଥିଲେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ମୋର କଥା ରଖିବନି । ଏଥିସହ ମୋ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆମେ ସ୍ୱାମୀସ୍ତ୍ରୀ ଆତ୍ମହତ୍ୟା କରିବୁ ବୋଲି ଅଧ୍ୟକ୍ଷଙ୍କୁ ଧମକ ଦେଇଥିଲେ । ତାପରେ ଘରକୁ ଯାଇଥିଲେ । ଅଧ୍ୟକ୍ଷ ଦୁଇଥର ଫୋନ କରିବାରୁ ଫୋନକୁ ଉଠାଇ ନଥିଲେ । କେବଳ ଏହି ବର୍ଷ ନୁହେଁ ପୂର୍ବରୁ ମଧ୍ୟ ପ୍ରଶିକ୍ଷକାଙ୍କ ବିରୋଧରେ ଲମ୍ବା ଅଭିଯୋଗ ଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ପ୍ରଥମ ବର୍ଷର ୯୫ ଛାତ୍ରଛାତ୍ରୀ, ଦ୍ୱିତୀୟ ବର୍ଷର ୭୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ ପ୍ରଶିକ୍ଷକା ବାରମ୍ବାର ନିର୍ଯାତିତ କରିବା ସହ ତାଙ୍କ ସ୍ୱର ଉତୋଳନ କଲେ ନିଜର କ୍ଷମତା ଥିବା କହି ଧମକାଉଛନ୍ତି । ଏପରିକି ସେ ଚାହିଁଲେ ଗୋଟିଏ ଦିନ ମଧ୍ୟରେ ବଦଳି ହୋଇ ଅନ୍ୟତ୍ର ଚାଲିଯାଇପାରିବି ବୋଲି ଅଭିଯୋଗ ହୋଇଛି ।

## ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭଦ୍ରକ, ୩୦/୦୭ (ନି.ପ୍ର): ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ବୈତରଣୀ ଓ ଏହାର ଶାଖା ନଦୀ କୋଚିଲା ରେ ବନ୍ୟା ଜଳ କମିବାରେ ଲାଗିଛି । ତେବେ ବଡ ବନ୍ୟା ହୋଇ ଥିଲେ ମଧ୍ୟ ଲୋକ ଙ୍କ ର କୌଣସି କ୍ଷତି ହୋଇନାହିଁ କି ବନ୍ଧ ବାଡ କେଉଁଠି ସେମିତି ବି କ୍ଷତି ହୋଇନି । ତେବେ ବନ୍ୟା ଛାଡିବା ପରେ ପଧାନି ପଂଚାୟତ ରାମରାକୁଳ ଠାରେ କୋଚିଲା ନଦୀର ବାମ ପାର୍ଶ୍ୱ ପଠା ୨୦ ଫୁଟ ଧଶି ଯାଇଚି । ଏହାକୁ ନେଇ ରାମରାକୁଳ ଗ୍ରାମବାସି ଭୟଭିତ ଅବସ୍ଥାରେ ଅଛନ୍ତି । ଏହି ସ୍ଥାନ ଠାରୁ ଟିକେ ଦୂରକୁ ଲାଗି କୋଚିଲା ମୁହଁ ରହିଛି । ବୈତରଣୀ ନଦୀରେ ପାଣି ହେବା କ୍ଷଣକେ କୋଚିଲା ନଦୀ ଫୁଲି ଥାଏ । ଯେଉଁ ସ୍ଥାନରେ ପଠା ଧସିଛି । ସେଠାରେ ୩ ରୁ ୪ ଫୁଟ ପଠା ରହିଛି । ସେହି ପଠା ସମ୍ପୂର୍ଣ୍ଣ ନଦୀକୁ ଧସିଯାଇଛି । ଏଣୁ ବନ୍ଧ ପ୍ରତି ବିପଦ ରହିଛି । ଘଟଣା ସଂପର୍କରେ ରବିନାରାୟଣ ଜେନା, ତପନ ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଗ୍ରାମ ଲୋକ ତୁରନ୍ତ ପହଂଚି ପ୍ରଶାସନକୁ ଖବର ଦେଇଥିଲେ । ପରେ ଘଟଣା ସଂପର୍କରେ ଖବର ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ସରପଂଚ ତଥା ମନ୍ତ୍ରୀଙ୍କ ଧାମନଗର ପ୍ରତିନିଧି ଅଶୋକ ପୁହାଣ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ ଓ ଏସ ଡି ଓ କିଶୋର ଦାସ ପହଂଚି ଦେଖିବା ସହ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରାଯିବା ନେଇ କହିଥିଲେ । ତେବେ ଆସନ୍ତା କାଲି ଠାରୁ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ପୁହାଣ କହିଛନ୍ତି ।

# ଟାଟା ଷ୍ଟିଲ୍ ପକ୍ଷରୁ ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ପାଳିତ

କେନ୍ଦୁଝର, ୩୦/୦୭ (ନି.ପ୍ର): ଟାଟା ଷ୍ଟିଲ୍ ପକ୍ଷରୁ, ଭାରତ ରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେ ଆର ଡି) ଟାଟାଙ୍କ ୧୨୧ତମ ଜୟନ୍ତୀ ମଙ୍ଗଳବାର ଯୋଡା ଠାରେ ପାଳନ କରାଯାଇଛି । ଯୋଡା ସେଂଟ୍ରାଲ ଅଫିସ ଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀ ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର ଏହି କିଦମ୍ବନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ । ଏହାପରେ ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେହିପରି, ଯୋଡ଼ା ଇଷ୍ଟ୍ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଲମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ଅଫିସ ଓ ଯୋଡ଼ା ଫେରୋ ଆଲଏଜ୍ କାରଖାନାରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# କଂଗ୍ରେସ ଅନୁଧ୍ୟାନକାରୀ ଦଳର ଧର୍ମଶାଳା ଅଂଚଳର ଗସ୍ତ ଓ ସମୀକ୍ଷା : ଏଠିକାର ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ

ଧର୍ମଶାଳା, ୩୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳକୁ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଗସ୍ତ କରି ଏଠିକାର ସମସ୍ୟା ପ୍ରତି ଅବଗତ ହେବା ସହ ଏହାର ସମାଧାନ କରିବାକୁ ଦାବି କରାଯାଇଛି । ପରିବେଶ ବିସ୍ଥାପନ ଓ ଜୀବିକା କମିଟିର ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଏଠାରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏହି ପ୍ରତିନିଧି ଦଳ ସ୍ଥାନୀୟ ହରିଦାସପୁର ଠାରେ ସ୍ଥାପିତ ରାମକୋ ସିମେଂଟ କାରଖାନା ବୁଲି ଦେଖିବା ସହିତ ଏହି କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏଠାରେ କୁଶଳୀ ଓ ଅଣ କୁଶଳୀ କାରିଗରମାନେ ରହୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ସିମେଂଟ କାରଖାନାରେ ନିଯୁକ୍ତି ନଦେଇ ବାହାର ରାଜ୍ୟର କର୍ମଚାରୀମାନଙ୍କୁ ଏଠାରେ ନିଯୁକ୍ତି ଦିଆ ଯାଇଥିବାରୁ ଅସନ୍ତୋଷ କରିଥିଲେ । ସେହିପରି ଏଠାରେ ଗଡିଉଠିଥିବା ବେଆଇନ କ୍ରସର ଗୁଡିକ ବୁଲି ଦେଖିବା ସହିତ କ୍ରସର ଗୁଣ୍ଡରେ ଶହ ଶହ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଅନୁଭବ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଭେଟି ଆଲୋଚନା କରିଥିଲେ । ସେହିପରି ଏଠାରେ ଚାଷ ଜମିକୁ ଜଳ ସେଚିତ କରିବା ଲାଗିଥିବା କେନାଲ ଗୁଡିକରେ ଏବେ ସୁଦ୍ଧା ପାଣି ନଆସିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପରେ ଏହି ଟିମ ବହୁଚର୍ଚ୍ଚିତ କ୍ରସର ହତ୍ୟାକାଣ୍ଡରେ ମୃତ୍ୟୁ ବରଣ କରିଥିବା ଅର୍ଜିତ ଜେନାଙ୍କ ଘରକୁ ଯାଇ ତାଙ୍କ ବପା ମାଆକୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ପରେ ଏମାନେ ଜାରକା କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଁଚି ଘଟଣା ଉପରେ ଆଲୋଚନା କରିବା ସହ ଏହାର ସମାଧାନ କରିବାକୁ ଚଳିତ ବିଧାନସଭା ଗୃହରେ ଉତଥାପନ କରାଯିବ ବୋଲି କହିଥିଲେ । ଏହି ଅନୁଧ୍ୟାନକାରୀ ଦଳରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଆବାହକ ସୁଧାଂଶୁ ଶେଖର ଦେଓ ,ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ମାଗୁଣି ଜେନା, ସଞ୍ଜୟ କୁମାର ରାଉତ, ରାକେଶ ସାହୁ , କାର୍ତ୍ତିକ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ଆନିମିଆ ମୁକ୍ତ ପଂଚାୟତ ପ୍ରଶିକ୍ଷଣ

ସମ୍ବଲପୁର, ୨୯ ଜୁଲାଇ(ହି.ସ.) – ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପରିଷଦ, ସମ୍ବଲପୁରର ମିଳିତ ସହଯୋଗରେ 'ଆନିମିଆ ମୁକ୍ତ ପଂଚାୟତ' ପ୍ରଶିକ୍ଷଣ ଜିଲ୍ଲା ପ୍ରଶିକ୍ଷଣ ଓ ସମ୍ପଦ କେନ୍ଦ୍ର(ଡିପିଆରସି) ସମ୍ବଲପୁର ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣରେ ଇଆରପି କେତକୀ ବେହେରା ଆରବିଏସକେ ମ୍ୟାନେଜର ଗୁରୁ ପ୍ରସାଦ ଭୋଇ ଓ ବିଶ୍ୱଜିତ ପଣ୍ଡା, ଡ଼ିଏଲଟି ଡ. ରାଜାରାମ ଷଡ଼ଙ୍ଗୀପ୍ରମୁଖ ଉପସ୍ଥିତ ଥିଲେ । ଇଆରପି ଗଣେଶରାମ ପଣ୍ଡାଙ୍କ କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଗ୍ରାମପଂଚାୟତ ସ୍ତରରେ ଆନିମିଆ ସଚେତନତା ବୃଦ୍ଧି, ପୌଷ୍ଟିକତା ସୁନିଶ୍ଚିତ କରିବା ଓ ସୁସ୍ଥ ଗ୍ରାମପଂଚାୟତ କିପରି ଗଢିବା । ଇଆରପି କେତକୀ ବେହେରା ସୁସ୍ଥ ଗ୍ରାମପଂଚାୟତ ପାଇଁ ଆନିମିଆ ବିଷୟରେ- ଆନିମିଆ କ'ଣ, ତାହାର ସାଧାରଣ ଲକ୍ଷଣ, କାରଣ ଓ ପୌଷ୍ଟିକାହାର ସହିତ ଆନିମିଆର ସମ୍ପର୍କ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ।ଏହାପରେ ଗୁରୁ ପ୍ରସାଦ ଭୋଇ ଆରବିଏସକେ ମ୍ୟାନେଜର ଓ ବିଶ୍ୱଜିତ ପଣ୍ଡାଙ୍କ ଦ୍ୱାରା ଆନିମିଆ ପ୍ରତିରୋଧ ପାଇଁ ସରକାରୀ ପ୍ରୟାସ ଏଏମ୍ଏଲ୍ଏଏନ୍ ସିକେଲ୍ ସେଲ୍ ଆନିମିଆ/ପିଏମ୍ ପୋଷଣ ଏଫ୍ଏନ୍ଏଚଡବ୍ଲ୍ୟୁ/ ଏମ୍ଏସପିୱାଇ/ଏସ୍ଏଜି, ଏଡିଭିଆଇକେଏ ପରି ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ । ଡ଼ିଏଲଟି ଡ. ରାଜାରାମ ଷଡ଼ଙ୍ଗୀଙ୍କ ଦ୍ୱାରା ସୁସ୍ଥ ଗ୍ରାମପଂଚାୟତର ସୂଚକ, ପଂଚାୟତ ସ୍ତରୀୟ ସ୍ଥାୟୀ କମିଟିର ଭୂମିକା, ଯିବି ମୁକ୍ତ ପଂଚାୟତ, ଆନିମିଆ/ ଫାଏଲେରିଆ ମୁକ୍ତ ପଂଚାୟତ ଗଠନ ବିଷୟରେ ଆଲୋଚନା ହୋଇଥିଲା । ଇଆରପି ଗଣେଶରାମ ପଣ୍ଡାଙ୍କ ନେତୃତ୍ୱରେ ପିଆର୍ଆଇ ସଦସ୍ୟମାନଙ୍କ ଭୂମିକା, ପୌଷ୍ଟିକ ବିଭିନ୍ନତା, ସପ୍ଲାଇ ଚେନ୍ ସୁଦୃଢୀକରଣ ଓ ନିରୀକ୍ଷଣ ମେକାନିଜମ୍ ବିଷୟରେ ପ୍ରଶିକ୍ଷଣ ଦିଆଯିବା ସହିତ ଗ୍ରୁପ୍ କାର୍ଯ୍ୟ, କେସ୍ ଷ୍ଟଡି ଓ ରୋଲ୍ ପ୍ଲେ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା । ଶେଷରେ ଡ଼ିପିଆରସି ର ପ୍ରାଧାପକ ଙ୍କ ଦ୍ୱାରା ଅନଲାଇନ୍ ମୂଲ୍ୟାୟନ କରାଯାଇ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ହୃଦ୍‌ଘାତରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ

କୋରେଇ, ୩୦/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର କ୍ଷିରୋ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ଦାମୋଦର ପଣ୍ଡାଙ୍କର(୭୨) ହୃଦଘାତରେ ପରଲୋକ ଘଟିଛି । ପ୍ରକାଶଯେ ପାଣିକୋଇଲି ହାଇସ୍କୁଲର ପୁର୍ବତନ କର୍ମଚାରୀ ଦାମୋଦର ପଣ୍ଡା(୭୨)ଙ୍କର ଆଜି ହୃଦଘାତରେ ପରଲୋକ ଘଟିଛି । ସ୍ୱର୍ଗତ ପଣ୍ଡା ୧୯୭୨ ମସିହାରୁ ପାଣିକୋଇଲି ହାଇସ୍କୁଲରେ ପିଅନ ଭାବେ ଚାକିରୀ ଜୀବନ ଆରମ୍ଭ କରି ୨୦୧୨ ମସିହାରେ ଅବସର ଗ୍ରହଣ କରିଥିଲେ । ଜଣେ ମେଳାପୀ ଓ କର୍ତବ୍ୟନିଷ୍ଠ କର୍ମଚାରୀ ଭାବେ ତାଙ୍କର ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସେ ପରିଚିତ ଥିଲେ । ତାଙ୍କର ଦୁଇ ଦିନ ଧରି କାଶ ହେଉଥିବାରୁ ଡ଼ାକ୍ତରଙ୍କୁ ଦେଖାଇବା ନିମନ୍ତେ ତାଙ୍କର ଏକମାତ୍ର ପୁତ୍ର ତାଙ୍କୁ ବୈତରଣୀ ରୋଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ତେବେ ଉକ୍ତ ଡ଼ାକ୍ତରଖାନା ନିକଟରେ କାରରେ ବସିଥିବା ବେଳେ ତାଙ୍କର ହୃଦଘାତ ହୋଇଥିଲା । ପରେ ଡ଼ାକ୍ତର ଆସି ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଟିବା ଲାଗି ପରାମର୍ଶ ଦେଇଥିଲେ । ପରେ ତାଙ୍କର ପୁଅ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୨୪/୨୫ରକୁ ହୋଇ ସ୍ୱର୍ଗତ ପଣ୍ଡାଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା ପରେ ତାଙ୍କୁ ସ୍ୱର୍ଗରଥରେ ଜନ୍ମସ୍ଥାନ କ୍ଷୀରୋ ଗ୍ରାମକୁ ନିଆଯିବା ପରେ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ । ଏଥି ସହିତ ତାଙ୍କର କର୍ମସ୍ଥଳୀ ପାଣିକୋଇଲି ହାଇସ୍କୁଲରେ ମଧ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଅବସରପ୍ରାପ୍ତ କର୍ମଚାରୀ ତାଙ୍କୁ ଶ୍ରଦ୍ଧାସୁମନ ଜଣାଇଥିଲେ । ପରେ ତାଙ୍କୁ ପୁରୀସ୍ଥିତ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା । ଏକ ମାତ୍ର ପୁତ୍ର ରାଜକିଶୋର ମୁଖାଗ୍ନି ଦେଇଥିଲେ ।

# ବିଶାଖାପାଟଣା ବସ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ୨ ଅଭିଯୁକ୍ତ ଗିରଫ, ୧୨କେଜି ଗଞ୍ଜେଇ ଜବତ

ମୁଖୀଗୁଡା, ୩୦/୦୭ (ନି.ପ୍ର): ବିଶାଖାପାଟଣା ବସରେ ଗଞ୍ଜେଇ ଚାଲାଣ କରୁଥିବା ୨ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତକାଲି ସନ୍ଧ୍ୟାରେ ଭବାନୀପାଟଣା ମୁଖୀଗୁଡା ଲଡୁଗାଁ ଭାୟା ବିଶାଖାପାଟଣା ବସ ନମ୍ବର ଓଡି ୦୮ଆର ୧୯୫୨ରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ଖବର ପାଇଥିଲା । ଏ ନେଇ ଜୟପାଟଣା ରାଜବାଟି ଛକ ନିକଟରେ ବସ ଆସିବା ପୂର୍ବରୁ ଛପିରହିଥିଲେ ଜୟପାଟଣା ଅବକାରୀ ସବ ଇନ୍ସପେକ୍ଟର ନରେନ୍ଦ୍ର ମିଞ୍ଜ,ବଳଭଦ୍ର ପାତ୍ର, ନିରଞ୍ଜନ ବେହେରା । ବସ୍ ଟି ମୁଖୀଗୁଡା ପଟୁ ଜୟପାଟଣା ଆସୁଥିବା ବେଳେ ରାଜବାଟି ଛକରେ ତଲାସୀ କରାଯାଇଥିଲା । ତଲାସୀ ବେଳେ ଦୁଇ ଜଣ ଯୁବକ ଏୟାର ବେଗରେ ଗଞ୍ଜେଇ ନେଉଥିବା ଜଣାପଡିଥିଲା ।ତାଙ୍କ ଠାରୁ ୧୨ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଦୁହେଁ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରୁର ନାଦୀମ ପାଶା ଓ ସାୟଦ ଅଜଗର ବୋଲି ଜଣାପଡ଼ିଛି । କେଉଁଠାରୁ ଗଞ୍ଜେଇ ଆସିଥିଲା ଓ କେଉଁଠିକୁ ଯାଉଥିଲା ସେ ଦିଗରେ ତଦନ୍ତ ଚାଲିଛି ।ହେଲେ ଢୁଲୁଘାଟି, ପାବଲୀ ଘାଟି ଦେଇ ବ୍ୟାପକ ଗଞ୍ଜେଇ ଚାଲାଣ କରା ଯାଉଥିବା ବେଳେ ଅବକାରୀ ବିଭାଗ ସେଇ ଗଞ୍ଜେଇ ବୋଝେଇ ଗାଡି ଗୁଡ଼ିକୁ କେବେ ଜବତ କରିବ ବୋଲି ପ୍ରଶ୍ନ ଉଠୁଛି ।ସେହିପରି ମୁଖୀଗୁଡାର ଜୈନେକ ବ୍ୟକ୍ତି ନିୟମିତ ମୋଟର ସାଇକେଲରେ ଗଞ୍ଜେଇ ଧରି ଜୟପାଟଣା ଏବଂ ମୁଖୀଗୁଡା ଅଂଚଳର ବିଭିନ୍ନ ପାନ ଦୋକାନକୁ ଯୋଗାଉ ଥିଲେହେଁ ଧରା ନପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଖୁବ ସହଜରେ ଚା ଦୋକାନ, ପାନ ଦୋକାନରେ ଗଞ୍ଜେଇ ମିଳୁଥିବା ବେଳେ ଏବେ ବହୁ ନାବାଳକ ଗଞ୍ଜେଇ ସେବନ କରି ପଥଭ୍ରଷ୍ଟ ହେଉଛନ୍ତି ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି ।

# ଯାତ୍ରା କମିଟି ସୁରକ୍ଷା ମଂଚର ଜିଲ୍ଲାସ୍ତରୀୟ ବୈଠକ : ଟିକେଟ୍ ଦର କମାଇବାକୁ ଦାବି

ଧର୍ମଶାଳା, ୩୦/୦୭ (ନି.ପ୍ର): ଓଡିଶାରେ ଯାତ୍ରା କଳାର ଆଦର ବହୁ ପୁରାତନ । ଦିନକୁ ଦିନ ଏହା ଲୋକପ୍ରିୟ ହେବାରେ ଲାଗିଛି । ଉନ୍ନତ ଟେକନୋଲୋଜି ବ୍ୟବହାର ହୋଇ ସିନେମା ପ୍ରସ୍ତୁତ ହେଉଥିଲେ ବି ଯାତ୍ରା ଉପରେ ଏହାର ପ୍ରଭାବ ପଡି ନାହିଁ । ଯାତ୍ରା କଳାକାରଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ଯାତ୍ରା ପେଣ୍ଡାଲରେ ଦର୍ଶକଙ୍କ ଭିଡ ଜମି ଥାଏ । ଏହା ବ୍ୟତୀତ ଦର୍ଶକଙ୍କ ମନୋରଂଜନ ହେବା ସହ ଯାତ୍ରା କଳାକାର ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି । ଯାତ୍ରା କମିଟିମାନଙ୍କ ଦ୍ୱାରା ବିଭିନ୍ନ ମେଳା ମହୋତ୍ସବରେ ଯାତ୍ରା ମଂଚସ୍ଥ ହୋଇଥାଏ । କିନ୍ତୁ, ଦିନକୁ ଦିନ ଯାତ୍ରା ପାର୍ଟି ମାନଙ୍କର ଦର(ଭିଜିଟିଂ) ବଢିବା କାରଣରୁ କମିଟିମାନେ ଅନେକ ସମୟରେ କ୍ଷତି ସହିବାକୁ ପଡିଥାଏ । ଅନେକ ମଧ୍ୟବିତ ପରିବାର ଯାତ୍ରା ଦେଖିବାରୁ ବଂଚିତ ହେଉଛନ୍ତି । ଏ ଗ୍ରେଡ୍ ପାର୍ଟିର ଦର ରାତି ପିଛା ୩.୫ ଲକ୍ଷରୁ ୪ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଦାବି କରିଥାନ୍ତି । ଖର୍ଚ୍ଚକୁ ହିସାବକୁ ନେଇ ଟିକେଟର ମୂଲ୍ୟ ୩୫୦ରୁ ୪ଶହ ଟଙ୍କା ଟିକେଟ ବିକ୍ରୀ କରିବାକୁ ପଡୁଛି । ଯାହାକି ଦର୍ଶକଙ୍କ ଉପରେ ପ୍ରଭାବ ପଡୁଛି । ଏନେଇ ମଙ୍ଗଳବାର ରସୁଲପୁର ବ୍ଲକ ହରିପୁରସ୍ଥ ଜଗନ୍ନାଥ ମଠ ପରିସରରେ ଯାତ୍ରା କମିଟି ସୁରକ୍ଷା ମଂଚ ପକ୍ଷରୁ ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଓ ରାଜ୍ୟ କମିଟିର ସଦସ୍ୟ ଯୋଗଦେଇ ବର୍ଦ୍ଧିତ ଦରକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଯାତ୍ରା କମିଟିର ରାଜ୍ୟ ସଭାପତି ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ବୈକୁଣ୍ଠ ନାଥ ପାକଳ ଯୋଗଦେଇ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ । ଏଥିପାଇଁ ଜିଲା ସ୍ତରରେ ଯାତ୍ରା କମିଟି ମାନଙ୍କର ଏକ ସୁଦୃଢ ସଂଗଠନ କରିବାର ଆବଶ୍ୟକତା ରହିଛି ବୋଲି ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ । ଯାତ୍ରାରେ ଅଶ୍ଳିଳତା ଓ ଦ୍ୱିବୋଧକ ସଂଳାପକୁ ବନ୍ଦ କରିବା ପାଇଁ ମଧ୍ୟ ଦାବି ହୋଇଥିଲା । ସର୍ବୋପରି ଯାତ୍ରାର ଭବିଷ୍ୟତ ଦୃଷ୍ଟିରୁ ଯାତ୍ରା ପାଟି ମାନଙ୍କର ଭିଜିଟିଂ କମାଇବା ସହିତ ଯାତ୍ରା ଟିକେଟ୍ ମୂଲ୍ୟ କମ୍ କରିବା ଉପରେ ଗୁରୁତ୍ୱ ଦିଆଇଥିଲା । ଏଥିପାଇଁ ଆଗାମୀ ଜିଲା କମିଟି ଗଠନ କରାଯାଇ ଯାତ୍ରା ପାର୍ଟି ମାଲିକମାନଙ୍କ ସହିତ ବୈଠକ କରିବାକୁ ନିଷ୍ପତି ଗ୍ରହଣ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ନୃସିଂହ ପ୍ରସାଦ ସୁନ୍ଦରାୟ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ଜେନା, ରାଜ୍ୟ କମିଟି ସଦସ୍ୟ ମହେଶ୍ୱର ଦାସ, ସରୋଜ କୁମାର ସ୍ୱାଇଁ, ବାନାମ୍ବର ବାବୁ, ନରସିଂହପୁର ସରପଂଚ ପ୍ରଶାନ୍ତ କୁମାର ଦାସ ଓ ଆୟୋଜକ କମିଟିର ସଭାପତି ପିତାମ୍ବର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ମିଶ୍ର ମଂଚ ପରିଚାଳନା କରିଥିଲେ । ଅମୂଲ୍ୟ ବରାଳ ଅତିଥି ପରିଚୟ ଓ ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜିଲାରୁ ୬୦ରୁ ଉର୍ଦ୍ଧ୍ୱ ଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ମହାପ୍ରଭୁଙ୍କ ମୁଖ ସିଂହାର ନୀତି

କେନ୍ଦ୍ରାପଡ଼ା, ୩୦/୦୭ (ନି.ପ୍ର): କେନ୍ଦ୍ରାପଡା ମହାପ୍ରଭୁଙ୍କ ମୁଖ ସିଂହାର ନୀତି ସକାଳ ଆଠଟାରୁ ବାରଟା ଚାରି ଘଂଟା ଦର୍ଶନ ବନ୍ଦ ବୁଧବାର ଦିନ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବ ଜୀଉଙ୍କର ମୁଖ ସିଂହାର ନୀତି କରାଯିବା ଛଅଟା ତିରିଶରୁ ଦ୍ୱାର ଫିଟାଯାଇ ଜୟ ମଙ୍ଗଳା ଆଳତି କରାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମାଳ ଓଲାଗି କରାଯାଇ ସୁବର୍ଣ୍ଣ ଚିତାକୁ ବଡ଼ପଣ୍ଡା ଦାୟିତ୍ୱ ହସ୍ତାନ୍ତର ପରେ ଚିତ୍ରକାର ସେବକ ରତ୍ନ ସିଂହାସନକୁ ଯାଇ ଶ୍ରୀଅଙ୍ଗ ସ୍ୱର୍ଶ ପରେ ମୁଖ ସିଂହାର ନୀତି କାର୍ଯ୍ୟ ଆରମ୍ଭ କରିଥାନ୍ତି ଏହା ଗୁପ୍ତ ଗୁରୁତ୍ୱ ପୂର୍ଣ୍ଣ ନୀତି ହୋଇଥିବାରୁ ଭକ୍ତ ସର୍ବ ସାଧାରଣ ପାଇଁ ସକାଳ ଆଠଟାରୁ ବାରଟା ଚାରି ଘଂଟା ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# କାଇପଦର୍ ପାଣି ମହଲ ଉପରେ ଜବରଦସ୍ତ କରାଯାଇଥିବା ସ୍ଥାୟୀ କୋଠା ଉଚ୍ଛେଦ

ଖୋର୍ଦ୍ଧା , ୩୦/୭ (ନି.ପ୍ର): ଖୋର୍ଦ୍ଧା ଅତିରିକ୍ତ ତହସିଲ ଦାର୍ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ରେଡି ତାଙ୍କ ଷ୍ଟାଫ୍, ପୋଲିସ ଉପସ୍ଥିତିରେ କାଇପଦର ପଂଚାୟତ ମୌଜା ସୋମୋନଥପୁର୍ , ଖାତା ନମ୍ବର ୩୨୨, ପ୍ଲଟ ନଂ ୨୧୫ପାଣି ମହଲ (ଜୋର) ଆବଦ୍ଧ କରି ଦୁଇ ଜଣ ଅସାଧୁ ବେକ୍ତି ୧, ସତ୍ୟ ନାରାୟଣ ସାହୁ ଏହି ପାଣି ମହଲ ଉପରେ ମାଙ୍କଡ଼ା ପଥର ରେ ଜୋର୍ ଉପରେ ସ୍ଥାୟୀ କୋଠା ଘର କରି ଦୋକାନ କରି ଥିଲେ। ସେହିପରି ତାକୁ ଦେଖି ସେହି ଯାଗାରେ ଲଟିପୁର୍ ମିଆଁ ପାଣି, ଜୋର୍ ଉପରେ ଜବରଦସ୍ତ ପଥର ପାଚେରୀ କରି ଥିଲେ। ଏ ବହୁ ପୁରାତନ ପାଣି ଝରଣା ଯାହା କାଇପଦର ଠାରୁ ବାହାରି ବାଘମାରି ଦେଇ ମହା ନଦୀ ରେ ପଡ଼ିଛି ।ତ ଏହିପରି ଜାଗା ଚୋର ଜବରଦସ୍ତ ଅଧିକାର କରି ଥିଲେ। ଉକ୍ତ କାମ ଯୋଗୁ କାଇପଦର ଓ ସୋମନାଥ ପୁର ଗ୍ରାମବସୀ ଖୋର୍ଦ୍ଧା ପ୍ରଶାସନକୁ ଜଣାଇ ଥିଲେ। ଦୀର୍ଘ ଏକ ବର୍ଷ ଧରି ଖୋର୍ଦ୍ଧା ପ୍ରଶାସନ କହିବା ପରେ ସାହୁ ଓ ମିଆଁ ଦୁଇ ଜଣ ଶୁଣି ନଥିଲେ। ଶେଷରେ ଖୋର୍ଦ୍ଧା ବେରୁଂହା ରାଜସ୍ୱ ନୀରିକ୍ଷକ ଓ ରାଜସ୍ୱ ସୁପର ଭାଜର ଯାଇ ମାପ କରି ଜାଗା ୧୨ ଡିସିମିଲି ଲେଖା ଜବର ଦଖଲ ବାହାରିଲା । ଏହାକୁ ଉଚ୍ଛେଦ କରିବା ପାଇଁ ଖୋର୍ଦ୍ଧା ରାଜସ୍ୱ ଅଧିକାରୀ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ରେଡି ଅତିରିକ୍ତ ତହସିଲ ଦାର ଖୋର୍ଦ୍ଧା ବହୁବାର ଚିଠି କରି ବା ପରେ ସତ୍ୟ ନାରାୟଣ ସାହୁ ବେଖାତ୍ରି କରି ଚାଲି ଥିଲେ। ନିଜେ କରୁଥିବା କୋଠା ଘର ନ ଭାଙ୍ଗିବାରୁ ,ଉକ୍ତ ଗ୍ରାମର କିଛି ବୁଦ୍ଧି ଯିବି ଓ ବରିଷ୍ଠ ନାଗରିକ ଅସନ୍ତୁଷ୍ଟ ହୋଇ ଯାଇଥିଲେ । ଶେଷରେ ଆଜି ତାର ପରି ସମାପ୍ତି ଘଟିଲା। ଅତିରିକ୍ତ ତହସିଲ ତାର ରେଡି ସାର ନିଜେ ଜାଇ ବୁଲୁଡୋଜର ଲଗାଇ ଉକ୍ତ ଘରକୁ ମାଟିରେ ମିଶାଇ ଦେଲେ। କାଇପଦର ପଞ୍ଚାୟତ ବାସି ଖୁସି ପ୍ରକଟ ସହ ଉକ୍ତ ଅଧିକାରୀଙ୍କୁ ସାଧୁବାଦ ଜଣାଇ ଅଛନ୍ତି। ସେ ପୁଣି ଗ୍ରାମ ବାସୀଙ୍କୁ ସତର୍କ କରାଇ ଅଛନ୍ତି କୌଣସି ବେକ୍ତୀ ବିଶେଷ ସରକାରି ଜାଗା ଦଖଲ କଲେ ଏହିପରି ପରିଣାମ ଭୋଗିବାକୁ ପଡ଼ିବ।

# ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ବାଲିଆପାଳ , ୩୦/୭ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ,ପାଳବେଗୁନିଆଁର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସିପ୍ରା ଦାସଙ୍କୁ ବୁଧବାର ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିଦାୟୀ କାଳୀନ ସମ୍ବର୍ଦ୍ଧନା ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ଗିରି, ଅନନ୍ତ କୁମାର ଭୂୟାଁ, ଲକ୍ଷ୍ମଣ ଚରଣ ଦଳାଇ,ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ପାତ୍ର, ରବିନ୍ଦ୍ରନାଥ ସାହୁ, ଗ୍ରାମ ମୁଖ୍ୟ ମୂରଲୀଧର ମହାନ୍ତି, ଭାସ୍କର ପ୍ରଧାନ ଓ ପ୍ରତିମା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ ମନୋରଞ୍ଜନ ଜେନା ମନ୍ତ୍ରପାଠ ସହିତ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମର ଅଙ୍ଗନୱାଡି କର୍ମୀ,ଆଶା ଦିଦି, ପୁରାତନ ତଥା ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଉପହାର ପ୍ରଦାନ କରିଥିଲେ ଓ ଦୀର୍ଘ ୩୮ ବର୍ଷ ଧରି ନିସ୍ୱାର୍ଥପର କାର୍ଯ୍ୟ ସମ୍ପାଦନ କରିଥିବାରୁ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ଦାସଙ୍କୁଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ କ୍ଷଶେଷରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଜୟ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଗଣ,ପୁରାତନ ଛାତ୍ରଗଣ ଯଥା ଶୟନ କୁମାର ମହାନ୍ତି, ସୁରେଶ ପ୍ରଧାନ, ମନୋରଞ୍ଜନ ବାରିକ, ତପସ୍ୱୀ ମହାନ୍ତି, ନିରଞ୍ଜନ ନନ୍ଦୀ, କରୁଣାକର ପ୍ରଧାନ ,ନିର୍ମଳ ଗିରି,ତପୁବନ୍ତ ଗିରି, ମଧୁସୁଦନ ପ୍ରଧାନ, ଅଜୟ ମହାନ୍ତି, ମନ୍ମଥ ଗିରି ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବକୀ ପାତ୍ର,କ୍ଲଷ୍ଟର ଶିକ୍ଷକ ଶିକ୍ଷିକାଗଣ, ଅଭିଭାବକଗଣ, ଗ୍ରାମବାସୀ ବୃନ୍ଦ,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାବୃନ୍ଦ ପ୍ରଭୃତି ଯୋଗଦାନ କରି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଅପରାହ୍ନରେ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ଦାସଙ୍କୁ ସମସ୍ତ ଛାତ୍ର ଛାତ୍ରୀ, ଗ୍ରାମବାସୀମାନେ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# ପୁରୀ-ବାଙ୍ଗିରିପୋଷି ଟ୍ରେନରେ ଚେୟାର କାର୍ ବଗି ବୃଦ୍ଧି

ବାରିପଦା, ୩୦/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ରେଳ ଷ୍ଟେସନରୁ ଶ୍ରୀକ୍ଷେତ୍ର ଧାମ ପୁରୀ ଯାଉଥିବା ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ ଟ୍ରେନରେ ଏକ ମାସ ପାଇଁ ଗୋଟିଏ ନନ ଏସସି ଚେୟାର କାର୍ ବଗି ବୃଦ୍ଧି କରାଯାଇଛି। ପୂର୍ବରୁ ରଥଯାତ୍ରା ପାଇଁ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ମଧ ଲୋକଙ୍କ ଚାହିଦାକୁ ଏବଂ ଆରାମଦାୟକ ଉପଲବ୍ଧି ପାଇଁ ଆଉ ଏକ ମାସ ପାଇଁ ବୃଦ୍ଧି କରାଯାଇଛି। ପୁରୀ-ବାଙ୍ଗିରିପୋଷି ଟ୍ରେନରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ନନ ଏସସି ଚେୟାର କାର୍ ବଗି ଅସ୍ଥାୟୀ ଭାବରେ ବୃଦ୍ଧି ହୋଇଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଗଷ୍ଟ ୧ରେ ଉକ୍ତ ବଗି ସଂଲଗ୍ନ ହୋଇ ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସୂଚନା ମିଳିଛି।

# ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପ: ମୟୁରଭଞ୍ଜକୁ ବ୍ରୋଞ୍ଜ, ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କଲେ ଏସପି



ବାରିପଦା , ୩୦/୭ (ନି.ପ୍ର): କଟକ ଠାରେ ଅନୁଷ୍ଠିତ ୭୭ ତମ ରାଜ୍ୟ ସ୍ତରୀୟ ପୋଲିସ ଭଲିବଲ ଚାମ୍ପିୟାନସିପରେ ମୟୁରଭଞ୍ଜ ପୋଲିସ ଟିମ ୫ମ ରାଉଣ୍ଡରେ ୪ର୍ଥ ଆଇଆରବିଏନ ବୌଦ୍ଧ କୁ ୩-୦ ସେଟରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ ହଜାର ନଗଦ ପୁରସ୍କାର ରାଶି ମିଳିଛି। ଚମ୍ପିୟାନସିପର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ ହଜାର ପୁରସ୍କାର ରାଶି ମିଳିଛି। ଖବର ପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋ, ମୟୁରଭଞ୍ଜ ପୋଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ, ଏନଆଇଏସ କୋଚ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚାମ୍ପିୟାନସିପରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୋଲିସ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ପୋଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି।

# ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତ ବୈଠକ

ବେତନଟୀ , ୩୦/୭ (ନି.ପ୍ର): ବେତନଟୀ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ବେତନଟୀ ବ୍ଲକ୍ ?ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏମପିସି ହାଇସ୍କୁଲ ସଭାଗୃହ ରେ ଆୟୋଜିତ ସଭାରେ କମିଟି ର ସଭାପତି ଜୟନ୍ତ କୁମାର ପଟ୍ଟନାୟକ ଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ସାଧାରଣତନ୍ତ୍ର ଦିବସ ପାଳନର ଆୟ ଓ ବ୍ୟୟର ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବେତନଟୀ ବ୍ଲକର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଅଗଷ୍ଟ ୮ ରେ ଏମପିସି ହାଇସ୍କୁଲ ରେ ବିଭିନ୍ନ ପ୍ରତିଯୋଗିତା ଓ ଅଗଷ୍ଟ ୧୨ ଓ ୧୩ ପ୍ୟାରେଡ ଅଭ୍ୟାସ କରାଯିବାର ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ , ସହ ସମ୍ପାଦକ ମନୋଜ କୁମାର ପଣ୍ଡା, ଉପଦେଷ୍ଟା ଜନମୋନ ବେହେରା, ସୁଶାନ୍ତ ବଳା, ଅନୁପ କୁମାର ଦଣ୍ଡପାଟ, ପ୍ରଭାତୀ ମହାନ୍ତି, କୋଷାଧ୍ୟକ୍ଷ ଉଦିତ ପରିଡ଼ା, ଯୁବ ନେତା ସଂଜୀବ ଜେନା, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ସାମ୍ବାଦିକ ହରିଶ ଚନ୍ଦ୍ର ସାମଲ, ଶିକ୍ଷକ ସଂଜୟ ମଢୁଆଳ,ପ୍ରଶାନ୍ତ ନାଥ, ସମାଜସେବୀ ପ୍ରକାଶ ବେହେରା , ଅରୁପ ଲେଙ୍କା, ରଞ୍ଜିତା କର ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଶେଷରେ କମିଟି ର ସମ୍ପାଦକ ଚନ୍ଦ୍ର ଶେଖର ଦ୍ୱିରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଳିଦା ନିତ୍ୟାନନ୍ଦ ଜିଉ ସେବାଶ୍ରମରେ ପୁସ୍ତକ ଉନ୍ମୋଚନ



ବସ୍ତା, ୩୦/୭ (ନି.ପ୍ର): ବସ୍ତାବ୍ଲକ କୁଳିଦା ସ୍ଥିତ ନିତ୍ୟାନନ୍ଦ ସେବାଶ୍ରମରେପୁସ୍ତକ ' ଉପମା ଅତୀତ କଳାଠାକୁର' ଉନ୍ମୋଚନ ହୋଇଯାଇଅଛି। ଶାସ୍ତ୍ରୀୟ ମାନ୍ୟତା ଆମ ମାତୃ ଭାଷା ଭାଷା ସାହିତ୍ୟର ଉତ୍ତରଣରେ ପତ୍ରପତ୍ରିକା ଓ ସମ୍ବାଦପତ୍ର ନିଶ୍ଚିତ ଭାବରେ ଗୃରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଅଛି ।ଯାହାଫଳରେ ବିଭିନ୍ନ ପତ୍ର ପତ୍ରିକା ବାଲେଶ୍ୱର ମାଟିରୁ ନିୟମିତ ପ୍ରକାଶ ପାଇ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଛି ।ଏହା ପଛରେ ରହିଛି ସମ୍ପାଦକ ଐକାନ୍ତିକ ନିଷ୍ଠା ଓ ଉଦ୍ୟମ ସହଯୋଗ ଓ ମାନଙ୍କ ସମର୍ପିତ ପାଠକ ମାନଙ୍କର ଭଲପାଇବା ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଏନେଇ ଆଜି କୁଳିଦା ପଞ୍ଚାୟତର କୁଳିଦା ଗ୍ରାମ ସ୍ଥିତ ନିତ୍ୟାନନ୍ଦ ଜୀୟୁ ସେବାଶ୍ରମ ପରିସରରେ ସୁବର୍ଣ୍ଣ ଶ୍ରୀ ପ୍ରକାସିନିରେ ପ୍ରକାଶିତ ଜଗନ୍ନାଥ ଗିରୀଙ୍କ ପୁସ୍ତକ ଉପକା ଅତୀତ କଳାଠାକୁର ଶୁଭ ଲୋକାର୍ପଣ ଉତ୍ସବରେ କବି ଶିଶିର ରଥଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କବି କାଳିପଦ ପଣ୍ଡା,ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ତଥା କବି ଶ୍ରୀକାନ୍ତ ଚରଣ ପାତ୍ର,ବିଶିଷ୍ଟ ଅତିଥି କୁମୁଦ ରଞ୍ଜନ ଗିରି,ରାଜକିଶୋର ମହାନ୍ତି,କବି ଜଗବନ୍ଧୁ ମହାନ୍ତି,ଗୌରାଙ୍ଗ ଚରଣ ପରିଡା,ସୁଦର୍ଶନ ଜେନା,ରମେଶ ଚନ୍ଦ୍ର ପ୍ରଧାନ,ସୁଦର୍ଶନ ନାୟକ,ଅଧାପକ ନିରଞ୍ଜନ ବେହେରା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚୁତା ନନ୍ଦ ଗିରି,ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା ଭାବେ ପୁସ୍ତକ ଉନ୍ମୋଚନ କରିଥିଲେ। ସେବାଶ୍ରମ ମୁଖ୍ୟ ଶ୍ରୀ ଗୌରହରି ଦାସ ମହାରାଜ,ସଙ୍କରାନ ବାବାଜୀ ମହାରାଜଙ୍କ ତାତ୍ୱାବଧନରେ ଉନ୍ମୋଚନ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପାଳ ସମାଜର ନନ୍ଦ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୩୦/୭ (ନି.ପ୍ର): କୋରାପୁଟ ଜିଲା ଷୋହଳଖଣ୍ଡ ଗୋପାଳ ସମାଜ ଜୟପୁର ର ସଭାପତି ପରମେଶ୍ୱର ପାତ୍ରଙ୍କ ଆହ୍ୱାନ କ୍ରମେ ଯାଦବ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ପ୍ରସ୍ତୁତି ବୈଠକରେ ଜିଲା ମହିଳା ସଭାପତି କବିତା ମହାଙ୍କୁଡ, ଡାକ୍ତର ସୁଦର୍ଶନ ଗୌଡ, ଉପଦେଷ୍ଟା ଭାସ୍କର ଗୌଡ, ନାରାୟଣ ଗୌଡ, ବିଜୟ ଗୌଡ, ରାମ ଚନ୍ଦ୍ର ମହାଙ୍କୁଡ, ମାଗୁଣୀ ଗୌଡ ,ଦୁର୍ଲଭ ମହାଙ୍କୁଡ, ଆରୁଷ ଗୌଡ, ହରି ଗୌଡ, ରାମ ଗୌଡ ଉପସ୍ଥିତ ରହିଥିଲେ ।

# ଏମ.ପି.ସି. ସ୍ୱୟଂଶାସିତ କଲେଜରେ ଆଲୋଚନାଚକ୍ର

ବାରିପଦା , ୩୦/୭ (ନି.ପ୍ର): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଦର୍ଶନଶାସ୍ତ୍ର ବିଭାଗ ଓ ଆଇ.ସି.ପି.ଆର. ନୂଆଦିଲ୍ଲୀ ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଯୋଗ, ସ୍ୱାସ୍ଥ୍ୟ, ଆନନ୍ଦ ଓ ସଂହତି ଶୀର୍ଷକରେ ଅନୁଷ୍ଠିତ ହୋଇ ଯାଇଛି. କଲେଜର ଅଧକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ବିଷୟ ବିଶାରଦ ଭାବରେ ନୟାଗଡ଼ ସ୍ୱୟଂଶାସିତ କଲେଜର ଦର୍ଶନ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ଦାସ ଜ୍ଞାନ ଯୋଗ, କର୍ମ ଯୋଗ ଏବଂ ଭକ୍ତି ଯୋଗ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ଅଧାପିକା ଡ଼. ସୁଜାତା ଜେନା ଦୈନନ୍ଦିନ ଜୀବନରେ ଯୋଗ ଶୀର୍ଷକ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ରଖିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ, ଦର୍ଶନ ବିଭାଗର ଅଧାପକ ଗୌତମ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ର ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସହକାରୀ ପ୍ରଫେସର ଡ. ନରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଅନ୍ନପୂର୍ଣ୍ଣା ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ, ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ନାଟକ ପରିବେଷଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ଧୁ କହି ଭାରତର ଉପରେ ...

ଦୁଇ ଭଲ ବନ୍ଧୁଙ୍କ ବନ୍ଧୁତ୍ୱକୁ ଦେଖିଥିଲା ବିଶ୍ୱ । ଏନ୍ଆରଜି ଷ୍ଟାଡିୟମରେ ୫୦ ହଜାରରୁ ଅଧିକ ଭାରତୀୟଙ୍କୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ । ମୋଦୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେବା ସମୟରେ 'ହାଓଡି ମୋଦୀ' ଉତ୍ତରରେ ବିଭିନ୍ନ ଭାଷା ସମେତ ଓଡ଼ିଆରେ ମଧ୍ୟ ପଦେ କହିଥିଲେ । ମୋଦି ଓଡ଼ିଆରେ କହିଥିଲେ , ଭାରତରେ 'ସବୁ ଭଲ ଅଛି' । କେବଳ ଓଡ଼ିଆ ନୁହେଁ, ହିନ୍ଦୀ, ବଙ୍ଗାଳି, ଗୁଜରାଟୀ ସମେତ ବହୁ ଭାରତୀୟ ଭାଷାରେ ସମାନ କଥାକୁ ଦୋହରାଇଥିଲେ ପ୍ରଧାନମନ୍ତ୍ରୀ । ବିଦେଶର କୌଣସି ନିର୍ବାଚିତ ରାଜନେତାଙ୍କ ପକ୍ଷରୁ ଆମେରିକା ମାଟିରେ ଏଭଳି ଶକ୍ତି ପ୍ରଦର୍ଶନ କେବେ ଦେଖିବାକୁ ମିଳିନଥିଲା । ଟ୍ରମ୍ପ ଭାରତ ଏବଂ ମୋଦୀଙ୍କ ସହ ଭଲ ସମ୍ପର୍କ ଥିବା ସାରା ବିଶ୍ୱରେ ଚର୍ଚ୍ଚା ହୁଏ । ଏବେ କିନ୍ତୁ ଏହା ପୂରା ଓଲଟା ପ୍ରମାଣ ହେବାରେ ଲାଗିଛି । ଯେଉଁ ଦେଶ ସହ ଆମେରିକାର ପଡୁନାହିଁ ସେ ଦେଶ ଗୁଡ଼ିକ ସହ ଭାରତର ସମ୍ପର୍କ ଭଲ ଦେଖି ସହିପାରୁନାହାନ୍ତି ଟ୍ରମ୍ପ୍ । ସେଥିପାଇଁ ଅନ୍ୟ ଦେଶ ଉପରେ ରାଗ ସୁଝାଇବାକୁ ଏବେ ଆମେରିକା ଭାରତକୁ ଟାରିଫ୍ ଜାଲରେ ବାନ୍ଧିଛି । ନିକଟରେ ଅପରେସନ୍ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଦାବି କରୁଥିଲେ ଟ୍ରମ୍ପ୍ । ପରେ କେତେବେଳେ ମୁଁ ମଧ୍ୟସ୍ଥତା କରିନି, ହଁ କରିଛି କହି କହି ଅନ୍ତର୍ଜାତୀୟ ସ୍ତରରେ ଟ୍ରୋଲ୍ ମଧ୍ୟ ହୋଇଥିଲେ । ଏବେ ଟ୍ରମ୍ପଙ୍କ ୨୫ ପ୍ରତିଶତ ଟାରିଫ୍ ଲଗାମ୍ ଲଗାଇବା ଭାରତ-ଆମେରିକା ମଧ୍ୟରେ ଥିବା ବନ୍ଧୁତାକୁ କେଉଁ ବାଟକୁ ନେଉଛି ତାହା ଉପରେ ସମସ୍ତଙ୍କ ନଜର ।

### ସରକାରୀ ବାବୁଙ୍କୁ ବାନ୍ଧିଲା ...

ଦୋକାନ, ୧୩ଟି ପ୍ଲଟ, ୭୫ଲକ୍ଷ ଟଙ୍କାର ଡିପୋଜିଟରେ ସନ୍ଧାନ ପାଇଛି ଭିଜିଲାନ୍ସ । ଦୁଇ ପିଲାଙ୍କ ପାଠ ପଢ଼ାରେ ରାଜକିଶୋର ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । ସେପଟେ ତାଙ୍କ ସହଯୋଗୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ସେଲ ଏସପି ସୂଚନା ଦେଇଛନ୍ତି ।

### ଓଟିଇଟି ପ୍ରଶ୍ନପତ୍ର ...

ଏହି ପ୍ରଶ୍ନପତ୍ର ଲିକ୍ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ବ୍ୟାପିଛି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି, ଏବଂ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ କାର୍ଯ୍ୟ ଚାଲୁ ରହିଛି। ଏହି ଘଟଣା ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଓଟିଇଟି ପରୀକ୍ଷାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ପ୍ରଭାବିତ ହୋଇଛି। କ୍ରାଇମବ୍ରାଞ୍ଚ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛି।

### ଆକାଶମାର୍ଗରୁ ବନ୍ୟାଞ୍ଚଳ...

ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟାପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲାରେ ବନ୍ୟା ହୋଇଥିଲେ ମଧ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚିନର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶେଷ କରି ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ନିୟନ୍ତ୍ରଣ ପାଇ ଜଳ ଉତ୍ସ ଗୁଡିକର ବିଶୁଦ୍ଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଥିଲେ। ଅନେକ ସ୍ଥାନରେ ସାପ କାମୁଡା ପରି ଘଟଣା ଘଟେ ବୋଲି ପ୍ରକାଶ କରି ସେ କହିଥିଲେ, ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲାରେ ୧୭ଟି ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ, ଭଦ୍ରକ ଜିଲାରେ ଗୋଟିଏ ଏନ୍‌ଡିଆରଏଫ୍, ଗୋଟିଏ ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲାରେ ଗୋଟିଏ ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂ ଉପସ୍ଥିତ ଥିଲେ।

# ସାଳନ୍ଦୀ ଡିଗ୍ରି କଲେଜରେ ମାନସିକ ଅବସାଦ କର୍ମଶାଳା




ଭଦ୍ରକ, ୩୦/୭ (ନି.ପ୍ର): ଶାରୀରିକ ସୁସ୍ଥତା ମଣିଷର ଯେମିତି ଆବଶ୍ୟକ, ମାନସିକ ସୁସ୍ଥତା ମଧ୍ୟ ସେହିଭଳି ଜରୁରୀ। ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ମଣିଷ ନିଜର ଆଶା ଅଭିଳାଷ ପୂରଣ ନିମିତ୍ତ ଦୁଃଖ ଅବସାଦରେ ପୀଡିତ ହୋଇ ମାନସିକ ଚାପର ଶିକାର ହୋଇଥାଏ। ଏହାର ପ୍ରଭାବରେ ଆତ୍ମହତ୍ୟାର ବହୁ ଉଦାହରଣ ଦେଖିବାକୁ ମିଳିଥାଏ। ଏହାର ପ୍ରତିକାର ପାଇଁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ସାଳନ୍ଦୀ ଡିଗ୍ରି କଲେଜରେ ଅଧକ୍ଷା ରାଜଶ୍ରୀ ନାୟକଙ୍କ ସଭାପତିତ୍ୱରେ ମାନସିକ ଅବସାଦ କର୍ମଶାଳାର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ମୂଖ୍ୟ ଚିକିତ୍ସାଳୟର ଡାକ୍ତର ସଂଗୀତା ବଳ, କ୍ଲିନିକାଲ ମନସ୍ତତ୍ତ୍ୱବିତ ଲୋନି ଲିଓନା ବେହେରା, ଦେବେନ୍ଦ୍ର ନାୟକ, ନାସରିନ ଅଖତାର ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ମୂଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତି ଯୋଗଦେଇ ଥିବାବେଳେ ଅଚ୍ୟୁତାନନ୍ଦ ନାୟକ, ଲିପିପୁଷ୍ପା ନାୟକ, ଶତ୍ରୁଘ୍ନ ପତି ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମ ସମୀକ୍ଷା କଲେ ଜିଲ୍ଲାପରିଷଦ ଅଧକ୍ଷା

ବେତନଟୀ, ୩୦/୭ (ନି.ପ୍ର): ବେତନଟୀ ବ୍ଲକସଭାଗୃହରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା ସମୀକ୍ଷା କରିବା ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି । ବୁଧବାର ବେତନଟୀ ବ୍ଲକ ଅଧକ୍ଷ କୌଶଲ୍ୟା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀହାଁସଦାଙ୍କ ସମେତ ବ୍ଲକ ଉପାଧକ୍ଷ ଦେବଦତ୍ତ ତିଆଡ଼ି, ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୬ନଂ ଜୋନ ଜିଲ୍ଲାପରିଷଦ ସବିତା ଦାସ ଏବଂ ୩୭ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିନ୍ତୁ ପ୍ରମୁଖଙ୍କ ସମେତ ବିଡିଓ ସୁଶାନ୍ତ କୁମାର ସୂତାର ମଞ୍ଚାସୀନ ଥିଲେ । ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ପରିଚାଳନାରେ ଆୟୋଜିତ ସମୀକ୍ଷା ବୈଠକରେ ବିଭିନ୍ନ ଲାଇନଡିପାର୍ଟମେଣ୍ଟର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀହାଁସଦା ବେତନଟୀ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମ ବାବଦରେ ସମ୍ପୃକ୍ତ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ ବେତନଟୀ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧ?କାରୀ, ଏଡିଇଓ, ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ପରିଚାଳନାରେ ବ୍ଲକକର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ଗନ୍ଧାଳୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା, ୩୦/୭ (ନି.ପ୍ର):ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଗନ୍ଧାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ ତଥା ପୂର୍ବରୁ କାର୍ଯ୍ୟକରିଥିବା ୩ ଶିକ୍ଷୟତ୍ରୀଶିକ୍ଷକଙ୍କୁ ବୁଧବାର ଦିନ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ବିଶିଷ୍ଟ ଶିକ୍ଷାବିତ ଡଃ ଭଗବାନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି,ବାସୁଦେବପୁର ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବାନ ରାଉତ ମୁଖ୍ୟବକ୍ତା,ମହତୀପୁର କ୍ଲଷ୍ଟର ସିଆରସିସି ଦିଲ୍ଲିପ କୁମାର ସାହୁ ଓ ପ୍ରଶାନ୍ତ କୁମାର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟତ୍ରୀଶିକ୍ଷକଙ୍କ ଛାତ୍ର ସୁଲଭ ଗୁଣ ତାଙ୍କୁ ପିଲାଙ୍କ ମାନଙ୍କ ହୃଦୟରେ ବାନ୍ଧି ରଖିବ ବୋଲି କହିଥିଲେ । ଶେଷରେ ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲ ତଥା ଅନ୍ୟତ୍ର ବଦଳୀ ହୋଇଥିବା ଶିକ୍ଷୟତ୍ରୀ ବିଣାପାଣି ଦାସ ଓ ଶିକ୍ଷକ ପ୍ରଫୁଲ୍ଲ ରାଉତ ଙ୍କୁ କମିଟି ଓ଼ି ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷୟତ୍ରୀ ସଞ୍ଜୁଲତା ରାଉତ ଧନ୍ୟବାଦ ଅର୍ପଣ ଓ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ସଞ୍ଜୟ କୁମାର ବେହେରା



କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଚାଳନା କମିଟି ସଦସ୍ୟ,ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।




# ହେନ୍ତାଳବଣ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପିପିଏଲ ସମ୍ମାନିତ

ପାରାଦୀପ, ୩୦/୭ (ନି.ପ୍ର): ୨୦୧୬ରୁ ପ୍ରତିବର୍ଷ ଜୁଲାଇ ୨୬ ତାରିଖକୁ 'ବିଶ୍ୱ ହେନ୍ତାଳବଣ ସଂରକ୍ଷଣ ଓ ପୁର୍ନଉଦ୍ଧାର ଦିବସ' ପାଳନ କରାଯାଉଛି । ୟୁନେସ୍କୋ ଜାତିସଂଘର ଶିକ୍ଷାଗତ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ, ଉପକୂଳ ସ୍ଥିରତା ଗଠନରେ ହେନ୍ତାଳବଣ ଗୁରୁତ୍ୱକୁ ଉପଲବ୍ଧ କରିବା ପାଇଁ ୨୦୧୬ ରୁ ପ୍ରତିବର୍ଷ ଏହା ପାଳନ କରାଯାଉଛି । ଓଡ଼ିଶାର ୫୦୦ କିଲୋମିଟରରୁ ଅଧିକ ଲମ୍ୱ ଉପକୂଳ ରହିଛି ଏବଂ ହେନ୍ତାଳବଣ ଜଙ୍ଗଲର ସଂରକ୍ଷଣ ଏବଂ ପୁର୍ନଉଦ୍ଧାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ୍ କମ୍ୟୁନିଟି ଆକ୍ସନ୍ ଟ୍ରଷ୍ଟ ଦ୍ୱାରା 'ସାମ୍ପ୍ରଦାୟ କାର୍ଯ୍ୟ ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା' ଉପରେ ଏକ ଚିନ୍ତନ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ଓଡ଼ିଶା




ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ପାରାଦୀପ ଫସଫେଟ୍ସ ଲିମିଟେଡକୁ ରାଜ୍ୟରେ ହେନ୍ତାଳବଣ ଇକୋସିଷ୍ଟମ୍ ପୁନରୁଦ୍ଧାର ପାଇଁ ସେମାନଙ୍କର ନିରନ୍ତର ପ୍ରୟାସ ଏବଂ ସମର୍ଥନ ପାଇଁ ସମ୍ମାନିତ କରିଥିଲେ। ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବର୍ତ୍ତମାନର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ହେନ୍ତାଳବଣ ପୁନରୁଦ୍ଧାର ସମ୍ପର୍କରେ ସଚେତନତା ପ୍ରସାର କରିବାରେ ପିପିଏଲର ବ୍ୟାପକ କାର୍ଯ୍ୟକୁ ସଂଗଠନ ପ୍ରଶଂସା କରିଛି । ପିପିଏଲ ର ସିଜିଏମ (ଏଚ୍ଆର ଏବଂ ଆଇଆର) ସୁମିତ ସେନାପତି ଗତ ଜୁଲାଇ ୨୬ ତାରିଖରେ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ପିପିଏଲର ମୁଖ୍ୟ (କର୍ପୋରେଟ୍ ବ୍ୟାପାର) ସୁଧି ରଞ୍ଜନ ମିଶ୍ର ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର

ବସ୍ତା, ୩୦/୭ (ନି.ପ୍ର): ବସ୍ତା ବ୍ଲକ କରୁଆ ଗଦାଧର କର ଉଚ୍ଚ ବିଦ୍ୟାଳୟ ବେଲଦାଣ୍ଡିଆ ପରିସରରେ ଭାରତୀୟ ରେଡ କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଏକ ଦିବସୀୟ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ କାମିଳା ପୌରହିତ୍ୟ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ନାବରା ପଞ୍ଚାୟତ ସରପଞ୍ଚ ତଥା ଡାକ୍ତର ନଗେନ୍ଦ୍ର କୁମାର ସିଂ, ପ୍ରଶିକ୍ଷକ ଭାବେ ରେଡ କ୍ରସ ସୋସାଇଟି ପଖରୁ ଦେବରାଜ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ ପ୍ରାଥମିକ




ସହାୟତା ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକ ପାତ କରିବା ସହିତ, ପ୍ରତ୍ୟେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରେ ଏହି କାର୍ଯ୍ୟକ୍ରମକୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବାକୁ ସରକାର ଓ ଶିକ୍ଷା ବିଭାଗ ନିକଟରେ ଦାବି ରଖିଥିଲେ । ଏହି ଅବସରରେ ପ୍ରଶିକ୍ଷକ ଦେବରାଜ ମିଶ୍ର ସଡ଼କ ଦୁର୍ଘଟଣା, ଅଂଶୁଘାତ, ବିଦ୍ୟୁତ୍ ଆଘାତ, ଅଗ୍ନିକାଣ୍ଡ, ପାଣିବୁଡ଼ି, ବଜ୍ରାଘାତ, ସାପ କାମୁଡା, ସଂଜ୍ଞାହୀନ ଅବସ୍ଥାରେ ଓ ବନ୍ୟା, ବାର୍ତ୍ତା, ଭୂମିକମ୍ପ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ପାଖରେ ଉପଲବ୍ଧ ଜିନିଷ ଓ ସାମଗ୍ରୀକୁ ବ୍ୟବହାର କରି କିଭଳି ସୁରକ୍ଷିତ ଭାବେ ପ୍ରାଥମିକ ସହାୟତା ଯୋଗାଇବ ସହିତ ସୁରକ୍ଷିତ ଭାବେ ଉଦ୍ଧାର କରା ଯାଇପାରିବ ବିଦ୍ୟାର୍ଥୀ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ ସହଯୋଗ କରିଥିବା ବେଳେ, ଶିକ୍ଷକ ତ୍ରିଲୋଚନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।






# ବାରାପୁର ହାଇସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ



ବାସୁଦେବପୁର, ୩୦/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତି ପ୍ରକାଶ ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ବାରା ପୁର ସର୍କଲର ସି ଆର ସି ସି ମନୋରଞ୍ଜନ ଧଳ, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଚନ୍ଦ୍ର ବେହେରା, ଜଗବନ୍ଧୁ ପଣ୍ଡା, ଶ୍ରୀନିବାସ ଭୂୟାଁ, ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ। ଏହି ବିଜ୍ଞାନ ମେଳା ରେ ୧୨୦ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏସ ଏସ ଜୀଉ ବଛଦା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର କର, ଜୁଲିଆ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସତ୍ୟବ୍ରତ ନାୟକ ବିଚାରକ ଭାବେ ଯୋଗ ଦେଇ ଏହି ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଏହି ଅବସରରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ନୀଳମଣି ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସୁନିତି ଲତା ସାହୁ ଓ ଜୟନ୍ତୀ ଲତା ବେହେରା ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷୟତ୍ରୀ ମମତା ମଞ୍ଜରୀ ବଳ, ଅନିନ୍ଦିତା ବିଶ୍ୱାଳ, ଗିରିଜା ଶଙ୍କର ମଲ୍ଲିକ, ଦିଲ୍ଲୀପ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।


❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida